# କୋରାପୁଟ ଜିଲାରେ ୯୪.୮୨ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ

କୋରାପୁଟ/ଜୟପୁର,୨୬।୫ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)


ଜୟପୁରର ଅଭିନବ ପଣ୍ଡା


ମାମାଲି ବେହେରା


ଉଜ୍ମା ଖାତୁନ୍

**ମାଟ୍ରିକ ପରୀକ୍ଷା**
- ଜୟପୁରରେ ଅଭିନବ, ମାମାଲିଙ୍କ ସହ ଉଜମ୍ମା ବିଦ୍ୟାଳୟ ପାଇଁ ଆଣିଲେ ଗୌରବ
- ଏ-୧ରେ ରହିଛନ୍ତି ୧୨ ଛାତ୍ରୀଛାତ୍ର,
- ୧୦୩ ଉଚ୍ଚ ବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ

ରାଜ୍ୟରେ ରବିବାର ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। କୋରାପୁଟ ଜିଲାର ୯୪.୮୨ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ଏ-୧ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜୟପୁର ସରସ୍ୱତୀ ଶିଶୁ ମନ୍ଦିରର ୬ ଜଣ ରହିଥିବାବେଳେ ସେମିଲିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଜଣ, ଜୟପୁର ବାଳିକା ଉଚ୍ଚ ବିଦ୍ୟାଳୟର ମାମାଲି ବେହେରା ଓ ଉଜମା ଖାତୁନ ଏବଂ କୁମୁଲି ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ର ଦେବାଶିଷ ଦାସ ଓ ଛାତ୍ରୀ ପୁନମ ପଣ୍ଡା ଏପରି ୧୨ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାର ୧୦୩ଟି ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାର ମୋଟ ୨୭୩ ଉଚ୍ଚ ବିଦ୍ୟାଳୟର ୧୮ ହଜାର ୪୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ରେଗୁଲାର ୧୮ ହଜାର ୮୨ ଜଣ, ଏକ୍ସ ରେଗୁଲାର ୬୯ ଜଣ, କରେସପଣ୍ଡେନ୍ସରେ ୧୨ ଜଣ, ଏସ୍ଓଏସ୍ସିରେ ୨୭୬ ଜଣ ଓ ମଧ୍ୟମାରେ ୨୦ ଜଣ ପରୀକ୍ଷା ଦେଇଥିଲେ।

ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏ-୧ରେ ୬ ଜଣ ରହିଥିବା ବେଳେ ଅଭିନବ ପଣ୍ଡା ସର୍ବାଧିକ ୫୭୧ ମାର୍କ (୯୫.୧୬ ପ୍ରତିଶତ) ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଉଲ୍ଲେଖନୀୟ ସଫଳତା ପାଇଥିବା ଛାତ୍ରୀଛାତ୍ରମାନେ ହେଲେ ସାହିଲ ପ୍ରତୀକ ଦଳେଇ (୫୫୮), ସ୍ମୃତି ପାଣିଗ୍ରାହୀ (୫୫୨), ସୁହାସ ଶୁଭଙ୍କର ସାହୁ (୫୫୨), ଶୁଭଙ୍କର ଖୁଣ୍ଟିଆ (୫୫୨), ରାଜ ନନ୍ଦିନୀ ପାଳ (୫୪୬)। ମୋଟ ୧୦୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ରେ ୬ ଜଣ, ଏ-୨ରେ ୯ ଜଣ, ବି-୧ରେ ୨୧, ବି-୨ରେ ୨୩,ସି-ରେ ୩, ଡି-ରେ ୭ ଜଣ, ଇ-ରେ ୭ ଜଣ ରହିଛନ୍ତି। ବିଦ୍ୟାଳୟର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ସେହିପରି ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮୨ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୭୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରୁ ଏ-୧ ରେ ୨ଜଣ, ଏ-୨ରେ ଜଣେ, ବି-୧ରେ ୩ ଜଣ, ବି-୨ରେ ୬ ଜଣ, ସି-ରେ ୨୦ ଜଣ, ଡି-ରେ ୬୮ ଏବଂ ଇ-ରେ ୭୬ ଜଣ ରହିଛନ୍ତି। ଏ-୧ରେ ବିଦ୍ୟାଳୟର ଛାତ୍ରୀ ମାମାଲି ବେହେରା ୫୪୨ ମାର୍କ ରଖିଥିବା ବେଳେ ଉଜମ୍ମା ଖାତୁନ ୫୪୦ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୨୨ ଜଣଙ୍କ ମଧ୍ୟରୁ ୧୯୧ ଜଣ ପାସ୍ କରିଛନ୍ତି। ଏ-୧ ଓ -୨ରେ କୌଣସି ଛାତ୍ରୀଛାତ୍ର ରହି ନ ଥିବା ବେଳେ ବି-୧ରେ ୩ ଜଣ ,ବି-୨ରେ ୫ ଜଣ, ସି-ରେ ୨୭ ଜଣ, ଡି-ରେ ୪୮ ଜଣ , ଇ-ରେ ୧୦୭ ଜଣ ରହିଥିବା ଜଣାପଡିଛି।

## ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜର ଶତ ପ୍ରତିଶତ ସଫଳତା


ସୁଭଶ୍ରୀ ପାଣିଗ୍ରାହୀ


ସୌଭାଗ୍ୟ ପ୍ରଧାନ


ସର୍ବାଣୀ ଖରା

କୋରାପୁଟ,୨୬।୫(ଅମିତାଭ ବେହେରା)

- ଯୁକ୍ତ ୨ ପରୀକ୍ଷା
- ବିଜ୍ଞାନରେ ଶୁଭଶ୍ରୀ, ବାଣିଜ୍ୟରେ ସମ୍ପଦ ପ୍ରଥମ

ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ କୋରାପୁଟର ପୁଜାରିପୁଟସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଥିବା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ପାଣି କହିଛନ୍ତି। କଲେଜର ବିଜ୍ଞାନ ବିଭାଗର ଛାତ୍ରୀ ଶୁଭଶ୍ରୀ ପାଣିଗ୍ରାହୀ ୮୭ ପ୍ରତିଶତ ମାର୍କ ରଖି କଲେଜରେ ପ୍ରଥମ ହୋଇଥିବାବେଳେ ବାଣିଜ୍ୟ ବିଭାଗର ଛାତ୍ର ସମ୍ପଦ ଚୌଧୁରୀ ୭୫ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଲେଜର ବିଜ୍ଞାନ ବିଭାଗରେ ମୋଟ ୧୫୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୬୮ ଜଣ ପ୍ରଥମ, ୬୪ ଜଣ ଦ୍ୱିତୀୟ ଓ ୧୨ ଜଣ ତୃତୀୟ ସ୍ଥାନରେ ସଫଳତା ପାଇଛନ୍ତି। ସେହିପରି ବାଣିଜ୍ୟ ବିଭାଗର ୧୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୮ ଜଣ ପ୍ରଥମ, ୩ ଜଣ ଦ୍ୱିତୀୟ ଓ ଜଣେ ତୃତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି । କଲେଜ ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଅଧ୍ୟକ୍ଷ ସିଦ୍ଧାର୍ଥ ପାଣି , ସମ୍ପାଦକ ସୁବ୍ରତ ମିଶ୍ର ସମସ୍ତ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକଙ୍କୁ ଶୁଚ୍ଛେ। ଜଣାଇଛନ୍ତି।

## ପ୍ରଥମ ସ୍ଥାନରେ ୧୮୪ ଜଣ ଛାତ୍ରୀଛାତ୍ର

କୋରାପୁଟ,୨୬।୫ (ଅମିତାଭ ବେହେରା)


କୋରାପୁଟ ଧର୍ମେନ୍ଦ୍ର ଘୋଷ

**ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଶୀର୍ଷରେ କୋରାପୁଟ ଟାଲେଣ୍ଟ କଲେଜ**

ଚଳିତ ବର୍ଷ ପ୍ରକାଶ ପାଇଥିବା ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳାଫଳରେ କୋରାପୁଟ ସ୍ଥିତ ଟାଲେଣ୍ଟସ ମହାବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରି ନିଜର ସୁନାମ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିଛି। ମହାବିଦ୍ୟାଳୟର ସମୁଦାୟ ୨୫୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତ ଛାତ୍ରୀଛାତ୍ର ସଫଳତା ପାଇଥିବାବେଳେ ମହାବିଦ୍ୟାଳୟର ଛାତ୍ର ଧର୍ମେନ୍ଦ୍ର ଘୋଷ ମୋଟ ୬ଶହ ନମ୍ବର ମାର୍କରୁ ସର୍ବାଧିକ ୫୪୧ ମାର୍କ (୯୦.୧୬ ପ୍ରତିଶତ) ରଖିଛନ୍ତି। ମହାବିଦ୍ୟାଳୟର ୯ ଜଣ ଛାତ୍ରୀଛାତ୍ର ୫ ଶହରୁ ଉର୍ଦ୍ଧ୍ୱ ମାର୍କ ରଖି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ, ଟାଲେଣ୍ଟସ ମହାବିଦ୍ୟାଳୟର ସମୁଦାୟ ୨୫୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ଛାତ୍ରୀଛାତ୍ର କୃତ କାର୍ଯ୍ୟ ହୋଇଥିବାବେଳେ ସେଥିରୁ ୧୮୪ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀରେ ୬୧ ଜଣ ଓ ତୃତୀୟ ଶ୍ରେଣୀରେ ୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ମହାବିଦ୍ୟାଳୟର ଏହି ସଫଳତା ପଛରେ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା, ଉତ୍ତମ ପରିବେଶ, ଶୃଙ୍ଖଳିତ ପରିଚାଳନା, ଉତ୍ତମ ଶିକ୍ଷାଦାନ ଓ ଛାତ୍ରୀଛାତ୍ରଙ୍କ ଆନ୍ତରିକ ଶିକ୍ଷା ଗ୍ରହଣ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ମାନସ ରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରି ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସଂକ୍ଷେପରେ

### ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟରେ ୩୫୬ ପାସ

ବୋରିଗୁମ୍ମା, ୨୬।୫(ବିଜୟ ସାହୁ)

ଚଳିତ ବର୍ଷ ମାଟ୍ରିକ ଫଳାଫଳ ପ୍ରକାଶ ପାଇଛି। କୋରାପୁଟ ଜିଲା ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ୩୭୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୬୦୦ ମାର୍କରୁ ଦିବ୍ୟଜିତ ପ୍ରଧାନ ୫୧୮ ମାର୍କ ରଖି ଏ-୨ ହୋଇଥିବା ବେଳେ ପ୍ରିୟଙ୍କା ହାଲବା ୪୯୪ ମାର୍କ, ସୁଲଗ୍ନା ପଟ୍ଟନାୟକ ୪୮୭ ମାର୍କ, ଜାହ୍ନବୀ ଗୁପ୍ତା ୪୮୧ ମାର୍କ ରଖିଛନ୍ତି। ଚଳିତ ବର୍ଷ ମୋଟ ୩୫୬ ଜଣଙ୍କ ମଧ୍ୟରୁ ଏ-୨ରେ ୪ ଜଣ,ବି-୧ ରେ ୧୭ ଜଣ,ବି-୨ରେ ୧୯ ଜଣ,ସି ଗ୍ରେଡରେ ୩୮ ଜଣ, ଡି ଗ୍ରେଡରେ ୮୧ ଜଣ, ଇ ଗ୍ରେଡରେ ୧୯୭ ଜଣ ଓ ଏଫ ଗ୍ରେଡରେ ୭ ଜଣ ପାସ ହୋଇଛନ୍ତି ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା ସୂଚନା ଦେଇଛନ୍ତି। ସେହିଭଳି ବୋରିଗୁମ୍ମା ବ୍ଲକ କୁମୁଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୯ ଜଣଙ୍କ ମଧ୍ୟରୁ ୭୮ ଜଣ ପାସ କରିଛନ୍ତି। ଦେବାଶିଷ ଦାସ ଓ ପୁନମ ପଣ୍ଡା ମୋଟ ୫୪୦ ମାର୍କ ରଖି (ଗ୍ରେଡ ଏ-୧ )ଟପ୍ପର ହୋଇଥିବା ବେଳେ ଅନେଷା ହୋତା ୫୧୧ ମାର୍କ, ପ୍ରତୀକ୍ଷା ପାଣିଗ୍ରାହୀ ୪୭୩ ମାର୍କ ଓ ଓମ ପ୍ରକାଶ ହୋତା ୪୪୧ ମାର୍କ ରଖିଛନ୍ତି। ବୋରିଗୁମ୍ମା ବ୍ଲକର ଅନ୍ୟାନ୍ୟ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଫଳାଫଳ ଉତ୍ସାହଜନକ ଥିବା ଜଣାପଡିଛି।

### ଦଶମନ୍ତପୁରରେ ୮ ବିଦ୍ୟାଳୟରେ ଶତ ପ୍ରତିଶତ ଫଳାଫଳ

ଦଶମନ୍ତପୁର,୨୬।୫ (ଅରବିନ୍ଦ ନାୟକ )

ଦଶମନ୍ତପୁର ବ୍ଲକ ମଧ୍ୟରେ ସରକାରୀ ଓ ବେସରକାରୀ ମିଶି ୧୮ ଗୋଟି ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ସେଥିରୁ ୮ଟି ବିଦ୍ୟାଳୟର ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ଭୀମସେନ ଉଚ୍ଚ ବିଦ୍ୟାପୀଠ ଲୁଲ୍ଲାର ୫୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୧, କିଟେଶର ୧୨ରୁ ୧୨, ପୋଡାଗଡ଼ ସେବାଶ୍ରମର ୬୭ରୁ ୬୭,ଦଶମନ୍ତପୁରର ୯୮ରୁ ୯୮, ଦୁଆରଶୁଣିର ୨୩ରୁ ୨୩, ମୋହିନାମାଳର ୪୨ରୁ ୪୨, ମାଛପୁଟ ସେବଶ୍ରମର ୯୮ରୁ ୯୮ ଓ ପୋଡାଗୋଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟର ୯୮ରୁ ୯୮ ଛାତ୍ରୀଛାତ୍ର ପାସ କରିଛନ୍ତି। ସେହିପରି ମରଚିଗୁଡା ଉଚ୍ଚ ବିଦ୍ୟାଳୟର ୧୭ ଛାତ୍ରୀଛାତ୍ରଙ୍କ୍ୟରୁ ୧୬, ପରଜା ବେଡାପଡର୍ର ୨୯ରୁଙ୍୨୮, ରଣଜାଗୁଡାର ୩୯ରୁ ୩୮, ଏ. ମାଲକାନଗିରିଠର ୫୮ରୁ ୫୧, ଡୁମ୍ଭାଗୁଡାର ୩୧ରୁ ୨୪, ଟିକ୍ରାମ୍ବର ୪୮ରୁ ୪୫, ବାଲିଘାଟର ୩୦ରୁ ୨୮, ମୁରକାରର ୧୬ରୁ୧୪, ଗିଲିଗୁମ୍ମାର ୫୧ରୁ ୫୦ ଓ ନନ୍ଦିଗାଁ ଉଚ୍ଚ ବିଦ୍ୟାଳୟର ୭୦ରୁ୬୯ ଜଣ ପାସ କରିଥିବା ଜଣାପଡିଛି।

### ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯୧ ପ୍ରତିଶତ

ବୈପାରୀଗୁଡା, ୨୬।୫(କଳ୍ପତରୁ ମହାନ୍ତି)

ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ସ୍ଥାନୀୟ ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାସ୍‌ହାର ୯୧.୦୬ ପ୍ରତିଶତ ହୋଇଛି। ୨୩୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୧୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୫, ଦ୍ୱିତୀୟ ଶ୍ରେଣୀରେ ୩୩ , ତୃତୀୟ ଶ୍ରେଣୀରେ ୧୬୬ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୋପୀନାଥ ଗଲରି ୪୭୯ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ସୂଚନା ଦେଇଛନ୍ତି।

### ଗଞ୍ଜେଇ ଚାଲାଣ, ୬ ଗିରଫ

ଜୟପୁର, ୨୬।୫ (ପବନ ପାଣିଗ୍ରାହୀ)

ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ବେଳେ ଅବକାରୀ ଜୟପୁର ଗୋଇନ୍ଦା ବିଭାଗ ଓ ଅବକାରୀ ସାଟେଲାଇଟ ୟୁନିଟ ମିଳିତ ଚଢାଉ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନର ରାମରାଜ ଗୁଜର (୨୯) ଓ ଶଙ୍କର ଲାଲ ଗୁଜର (୨୩)। ଉଭୟେ ବୈପାରିଗୁଡାରୁ ଟ୍ରକରେ ନିଳଗିରି କାଠ ବୋଝେଇ କରି ତା' ଭିତରେ ରଖି ରାଜସ୍ଥାନକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏ ନେଇ ସୂଚନା ପାଇ ଡେପୁଟି ସୁପରିଟେଣ୍ଡେଣ୍ଟ ସ୍ନେହଲତା ନାୟକ, ଏସଆଇ ଗଙ୍ଗୋମଣି ହେମ୍ବ୍ରମ ଓ ଓଆଇସି ରଶ୍ମିରଞ୍ଜନ ନାୟକ ଉମୁରି ବ୍ରିଜ ନିକଟରେ ଧରିଥିଲେ। ୭ଟି ବସ୍ତାରେ ଥିବା ୩୧୫ କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି ଅବକାରୀ ଥାନା ପକ୍ଷରୁ ସୋମବାର ଚଢାଉ କରାଯାଇ ୪ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋଲାବ ନଗରର ଅଭି ନାଗ (୨୫) କେରଳର ନିଜାମ ମେଇଡେନ (୧୯), ଫଜାଇ ଉଧେଇ ଓ ଅରସଦ ହୁସେନ (୨୫)। ସେମାନଙ୍କଠାରୁ ୨୨ କେଜି ୨ ଶହ ଗ୍ରାମ ଗଞ୍ଜେଇ ଏବଂ ଅଟୋ ଜବତ ହୋଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓଆଇସି ନିଳାଦ୍ରି ବାହାରୀ ମିଶ୍ର କହିଛନ୍ତି ।

## ବୈପାରିଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟର ଦଶମ ପରୀକ୍ଷା ଫଳାଫଳ

ବୈପାରିଗୁଡା,୨୬।୫ (କଳ୍ପତରୁ ମହାନ୍ତି)

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ରବିବାର ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ବୈପାରିଗୁଡା ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି। ନୋଡାଲ୍ ହାଇସ୍କୁଲର ୨୫୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବି-୧ ଓ ବି-୨ରେ ୩ ଜଣ ଲେଖାଏ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଆଦ୍ୟାଶା ପ୍ରଧାନ ୪୬୨ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। କାକଲପଡା ହାଇସ୍କୁଲର ୯୭ ଜଣଙ୍କ ମଧ୍ୟରୁ ୮୬ ଜଣ ପାସ୍ କରିଛନ୍ତି। ଦଳପର ହାଇସ୍କୁଲର ୭୪ ଜଣଙ୍କ ମଧ୍ୟରୁ ୬୨ ଜଣ, କଲ୍ୟାଣ ବିଭାଗ ପରିଚାଳିତ ବାଲିଗାଁ ବାଳିକା ବିଦ୍ୟାଳୟରେ ଶତ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ବିଦ୍ୟାଳୟର ୪୫ଜଣ ପରୀକ୍ଷା ଦେଇଥିଲେ। ବି-୨ରେ ଜଣେ ରହିଛନ୍ତି। ଚିପାକର ହାଇସ୍କୁଲରେ ୩୬ ଜଣଙ୍କ ମଧ୍ୟରୁ ୨୨ ଜଣ, କାଠପଡା ହାଇସ୍କୁଲରେ ୨୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪ ଜଣ, ଗୁମା ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୩୪ ଜଣ ସମସ୍ତେ ପାସ୍ କରିଛନ୍ତି। ବିଦ୍ୟାଳୟର ବି-୨ରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଟାଙ୍ଗିଣିଗଡା ହାଇସ୍କୁଲରେ ୧୪୯ଙ୍କ ମଧ୍ୟରୁ ୧୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବି-୧ରେ ଜଣେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ବ୍ରାହ୍ମଣଗୁଡା ହାଇସ୍କୁଲରେ ୬୮ ଜଣଙ୍କ ମଧ୍ୟରୁ ୬୩ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଣ୍ଡାବାଡି ହାଇସ୍କୁଲରେ ୫୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଗଣ୍ଡେଇ ହାଇସ୍କୁଲରେ ୧୦୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୬ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବି-୨ରେ ୨ ଜଣ ରହିଛନ୍ତି। ସେହିପରି ରାମଗିରି ଗୋପାଳ ହାଇସ୍କୁଲରେ ୧୩୬ ଜଣଙ୍କ ମଧ୍ୟରୁ ୧୩୧ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବି-୨ରେ ୨ ଜଣ ପାସ୍ କରିଛନ୍ତି। ଚିକିମା ହାଇସ୍କୁଲରେ ୩୯ ଜଣଙ୍କ ମଧ୍ୟରୁ ୩୭ ଜଣ ଏବଂ ଶିରିବେଡା ଉଚ୍ଚ ବିଦ୍ୟାଳୟରେ ସମସ୍ତ ୭୦ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

## ମାଟ୍ରିକ ପରୀକ୍ଷା ଫଳ ସର୍ବାଧିକ ୫୦୫ ମାର୍କ ରଖି ସୁନାମ ଆଣିଲେ ସତ୍ୟମ

ଦାମନଯୋଡି,୨୬।୫ (ମାନସ ରଞ୍ଜନ କର)



ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଦାମନଯୋଡିର ୫ଟି ବିଦ୍ୟାଳୟରେ ଶତପ୍ରତିଶତ ଫଳାଫଳ ହୋଇଛି। ଏଥିରେ ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସତ୍ୟମ କୁମାର ସାହୁ ୫୦୫ ମାର୍କ ରଖି ଦାମନଯୋଡି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ବିଦ୍ୟାମନ୍ଦିରର ପରୀକ୍ଷା ଦେଇଥିବା ସମସ୍ତ ୩୮ଜଣ ଛାତ୍ରୀଛାତ୍ର ପାସ କରିଥିବା ବେଳେ ୨ଜଣ ଏ-୨ ଗ୍ରେଡ ରଖିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ଛାତ୍ର ସତ୍ୟମ ୫୦୫ ମାର୍କ (୮୪.୧୬%) ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ନାଲ୍କୋ ଟାଉନଶିପସ୍ଥିତ ଏସଭିଏମର ସମସ୍ତ ଛାତ୍ରୀଛାତ୍ର ପାସ କରିଛନ୍ତି। ଛାତ୍ରୀ କ୍ରାନ୍ତିମୟୀ ସୂତାର ୪୯୩ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ମାଥାଲପୁଟସ୍ଥିତ ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଦେଇଥିବା ସମସ୍ତ ୧୬୧ ଜଣ ଛାତ୍ରୀଛାତ୍ର ପାସ କରିଥିବା ବେଳେ ଛାତ୍ରୀ ସ୍ୱିଟି ବିଶ୍ୱାଳ ୪୦୪ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସାଇକ୍ରିଷ୍ଣା ସାହୁ ମଧ ୪୪୧ ମାର୍କ ଓ ମାଥାଲପୁଟ ଲିଟିଗୁଡାସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରଜନୀ ଜୟପୁରିଆ ୩୯୮ ମାର୍କ ରଖି ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

## ଅଗ୍ନି ଗଙ୍ଗାମା'ଙ୍କ ନବଦିନାତ୍ମକ ଘଟଯାତ୍ରା ପାଇଁ ପ୍ରସ୍ତୁତି ଶେଷ

ସେମିଲିଗୁଡା/ସୁନାବେଡା,୨୬।୫
ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ


ଅଗ୍ନି ଗଙ୍ଗା ମା'।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସୋମବାରଠାରୁ ବହୁ ଆଡମ୍ବରରେ ସେମିଲିଗୁଡାର ପ୍ରସିଦ୍ଧ ଅଗ୍ନି ଗଙ୍ଗା ମା'ଙ୍କ ନବଦିନାତ୍ମକ ଘଟଯାତ୍ରା ପାଳନ ହେବାକୁ ଯାଉଛି। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ଯାତ୍ରା ଜୁନ ୫ ପର୍ଯ୍ୟନ୍ତ ଚାଲିବ। ଯାତ୍ରାପାଇଁ ସମଗ୍ର ଅଞ୍ଚଳକୁ ରଙ୍ଗିନ ଆଲୋକମାଳାରେ ସଜାଯାଇଛି। ମା'ଙ୍କ ଅସ୍ଥାୟୀ ମଣ୍ଡପର ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି । ନୀତି ଅନୁଯାୟୀ ମା'ଙ୍କ ଘଟକୁ ଯାତ୍ରାର ପ୍ରଥମ ଦିନରେ ମନ୍ଦିର ଭିତରୁ ଅଣାଯାଇ ମୁଖ୍ୟ ପୂଜକଙ୍କ ଘରେ ଥିବା ଦୁର୍ଗା ମନ୍ଦିରରେ ଗୋଟିଏ ଦିନ ରଖି ପୂଜାର୍ଚ୍ଚନା କରାଯିବ। ଦିତୀୟ ଦିନରେ ମା' ସହର ପରିକ୍ରମା କରିବେ। ନବଦିନ ଧରି ହେବାକୁ ଥିବା ଏହି ଯାତ୍ରାରେ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ନଜରରେ ରଖି ପୂଜା ପରିଚାଳନା କମିଟି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ କିପରି ମା'ଙ୍କ ଶୃଙ୍ଖଳିତ ଦର୍ଶନ କରିପାରିବେ ସେନେଇ ବନ୍ଦୋବସ୍ତ ହୋଇଛି।

## ଯୁକ୍ତ୨ ବିଜ୍ଞାନରେ ଗୁନ୍‌ଗୁନ୍, କଳାରେ ଖୁସି ଏସ୍‌ଭିଏମ ଟପ୍ପର

ଦାମନଯୋଡି,୨୬।୫ (ମାନସ ରଞ୍ଜନ କର)



ଗୁନଗୁନ ଚାନ୍ଦ ଓ ଖୁସି କୁଲଦୀପ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର (ଯୁକ୍ତ ୨) ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଦାମନଯୋଡି ନାଲ୍‌କୋ ଟାଉନଶିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର (ଏସ୍‌ଭିଏମ)ର +୨ ବିଜ୍ଞାନରେ ଗୁନ୍‌ଗୁନ୍ ଚାନ୍ଦ ଓ ଯୁକ୍ତ ୨ କଳାରେ ଖୁସି କୁଲଦୀପ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏହି ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ୬୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲା ବେଳେ ସମସ୍ତ ପିଲା ପାସ୍ କରିଛନ୍ତି। ସ୍ଥାନୀୟ ମାଥାଲପୁଟ ଅଞ୍ଚଳର ଛାତ୍ରୀ ଗୁନ୍‌ଗୁନ୍ ୪୯୮ ମାର୍କ ରଖି ଚଳିତବର୍ଷ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଯୁକ୍ତ ୨କଳାରେ ୧୨୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୧୬ ଜଣ ପାସ କରିଥିବା ଜଣାପଡିଛି। ନାଲ୍‌କୋ ବିସ୍ଥାପିତ ଅଁଳାବାଡି କଲୋନୀର ଖୁସି ୪୩୯ ମାର୍କ ରଖି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି।

## କୁନ୍ଦୁରା ବ୍ଲକ ପାଇଁ ଗୌରବ ଆଣିଲେ କାଦମ୍ବିନୀ

କୁନ୍ଦୁରା,୨୬।୫(ସନ୍ତୋଷ ପ୍ରହରାଜ)


କାଦମ୍ବିନୀ ଗୌଡ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନର ଛାତ୍ରୀ କାଦମ୍ବିନୀ ଗୌଡ ଦଶମ ଶ୍ରେଣୀ ପରୀକ୍ଷାରେ ୬୦୦ରୁ ୪୨୨ ମାର୍କ ରହି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସେ ବ୍ଲକର ୧୪ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ବାପା ଭଗବାନ ଗୌଡ ଏବଂ ମା କଣ୍ଡେଶ୍ୱରୀଙ୍କ ଝିଅ କାଦମ୍ବିନୀ ଆମ୍ବଗୁଡା ଗ୍ରାମରୁ ପ୍ରତିଦିନ ୫ କି.ମି. ଦୂର କୁନ୍ଦୁରା ଆସି ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନରେ ଅଧ୍ୟୟନ କରୁଥିଲେ। ସେହିଭଳି କୁନ୍ଦୁରା ବ୍ଲକର ୧୪ଟି ଉଚ୍ଚ ବିଦ୍ୟାଳୟର ପରୀକ୍ଷା ଫଳ ଭଲ ହୋଇଥିବା ସୂଚନା ମିଳିଛି। ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନର ୧୩୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜନ୍ତାପୁଟ ଉଚ୍ଚ ବିଦ୍ୟାଳୟ ୪୯, କେରିମିଟିରେ ୩୨ରୁ ୩୨, ଉଙ୍ଗରପାଉଁଶିରେ ୧୨୬ରୁ୧୨୪, ଖଟଲାପଦରରେ ୧୦୪ରୁ ୧୦୦, ଗାଡଗୁଣ୍ଡାଳ ଉଚ୍ଚ ବିଦ୍ୟାଳୟରେ ୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କାଉଡିଆ ଗୁଡାକନ୍ୟାଶ୍ରମ ବିଦ୍ୟାଳୟରେ ୧୦୧ ରୁ ୧୦୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାଗଦେରିରେ ୧୦୦ରୁ ୧୦୦, ଉଦଲ ଗୁଡାରେ ୭୭ରୁ ୭୨, ରାଣୀଗୁଡାରେ ୫୬ରୁ ୫୬, ଲାଛନାଗୁଡାରେ ୧୨୧ରୁ ୧୨୧, କଳାପଡାରେ ୫୦ରୁ ୪୭, ଦିଗାପୁରରେ ୧୭୪ରୁ ୧୬୬ ଜଣ ଉତ୍ତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି।

## ୩୦ ଟନ୍ ଆମ୍ବ ଗଲା ରାୟପୁର

କୋରାପୁଟ,୨୬।୫ (ଅମିତାଭ ବେହେରା)

ଚଳିତ ବର୍ଷ କୋରାପୁଟ ଜିଲାରେ ପ୍ରଚୁର ପରିମାଣରେ ଆମ୍ବ ଆସିଛି। ଆମ୍ବ ଚାଷୀମାନଙ୍କୁ ଆମ୍ବର ଉଚିତ୍ ମୂଲ୍ୟ ଦେବାକୁ ମିଶନ ଶକ୍ତି ମହିଳା ଗୋଷ୍ଠୀ ଓ କମ୍ପାନୀ ଆଗେଇ ଆସିଛି। କୋରାପୁଟ ଜିଲାରେ ହେଉଥିବା ଆମ୍ବରେ ଗୁଣାତ୍ମକମାନ ସର୍ବାଧିକ ରହୁଥିବାରୁ ଏହି ଅଞ୍ଚଳର ଆମ୍ବର ଚାହିଦା ରାୟପୁର, ଭିଲାଇ ବମ୍ବେ, ଦଲ୍ଲୀ ଆଦି ବିଭିନ୍ନ ସହରରେ ଅଧିକ ରହୁଛି।

ଜିଲାର ଦଶମନ୍ତପୁର ବ୍ଲକ ଅଞ୍ଚଳରେ ବିଗତ ବର୍ଷରେ ପ୍ରଚୁର ଆମ୍ବ ହୋଇଥିଲେ ମଧ ବିକ୍ରି ହୋଇ ନ ପାରି ଚାଷୀ ଉଚିତ୍ ମୂଲ୍ୟ ନ ପାଇ ବହୁ କ୍ଷତି ସହିଥିଲେ । ଏହାକୁ ଦୃଷ୍ଟିରେ ରଖି ଆମ୍ବ ଚାଷୀ କିପରି ଆମ୍ବର ଉଚିତ୍ ମୂଲ୍ୟ ପାଇବେ ସେ ନେଇ ଚଳିତ ବର୍ଷ ସିୱାଇଏସ୍‌ଡି ସହାୟତାରେ ଡଙ୍ଗରରାଣୀ କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ ଜିଲାର ଦଶମନ୍ତପୁର ଅଞ୍ଚଳରେ ଉତ୍ପାଦିତ ଆମ୍ବ ଚାଷୀଙ୍କଠାରୁ ସଂଗ୍ରହ କରି ବିକ୍ରି ଲାଗି ଛତିଶଗଡର ଭିଲାଇ ଓ କଟକ ସହରକୁ ପଠାଇଛି। ଗତ ଦୁଇଦିନ ମଧ୍ୟରେ ଜିଲାର ଦଶମନ୍ତପୁର ବ୍ଲକର ପଟ୍ଟାମାଳିଗୁଡା, କର୍ତାସ, ଜାନିଗୁଡା, କାଉଗୁଡା, ପାଟଖଣ୍ଡା, ଆଡମୁଣ୍ଡା ଅଞ୍ଚଳରୁ ୩୦ଟନ୍‌ରୁ ଉର୍ଦ୍ଧ୍ୱ ଦସେରି, ଆମ୍ରପଲ୍ଲି, ମଲ୍ଲିକା, ଲେଙ୍ଗଡା, ବମ୍ବେ ଗ୍ରୀନ ଆଦି ବିଭିନ୍ନ କିସମର ଆମ୍ବ ଉପରୋକ୍ତ ଦୁଇ ସହରକୁ ପଠାଯାଇଥିବା କମ୍ପାନୀର ସିଇଓ ଯାଜ୍ଞଦତ୍ତ ମହାରଣା ରବିବାର ସୂଚନା ଦେଇଛନ୍ତି।। ଦଶମନ୍ତପୁର ବ୍ଲକର ପୋଡାଗଡ ପଞ୍ଚାୟତର ପଟ୍ଟାମାଳିଗୁଡା ଗ୍ରାମରୁ ଲେଙ୍ଗଡା ଆମ୍ବ ୬୦ କୁଇଣ୍ଟାଲ, ଆମ୍ରପଲ୍ଲି ୧୦ କୁଇଣ୍ଟାଲ, ବମ୍ବେ ଗ୍ରୀନ ଆମ୍ବ ୫୦ କୁଇଣ୍ଟାଲ ଏପର ମୋଟ ୧୨୦ କୁଇଣ୍ଟାଲ ଆମ୍ବ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିଲା। ସେହିପରି କାଉଗୁଡା ଗ୍ରାମରୁ ଦସେରି ଆମ୍ବ ୧୫ କୁଇଣ୍ଟାଲ, ମଲ୍ଲିକା ଆମ୍ବ ୫ କୁଇଣ୍ଟାଲ, ଆମ୍ରପଲ୍ଲି ୧୦ କୁଇଣ୍ଟାଲ ଏପରି ୩୦ କୁଇଣ୍ଟାଲ, ପାଟ ଝଙ୍କାର ଗ୍ରାମରୁ ଦସେରି ଆମ୍ବ ୨୭ କୁଇଣ୍ଟାଲ, ଆମ୍ରପଲ୍ଲି ୩୦ କୁଇଣ୍ଟାଲ, ମଲ୍ଲିକା ୩ କୁଇଣ୍ଟାଲ ଆମ୍ବ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଛି । ସେହିପରି କର୍ତାସ ଗ୍ରାମରୁ ଦସେରି ସମେତ ଆମ୍ରପଲ୍ଲି , ମଲ୍ଲିକା ଆଦି ବିଭିନ୍ନ କିସମର ୭୫ କୁଇଣ୍ଟାଲ ଆମ୍ବ ସଂଗ୍ରହ କରାଯାଇଛି । ବ୍ଲକର ଜାନିଗୁଡା ଗ୍ରାମରୁ ଆମ୍ରପଲ୍ଲି ଓ ଦସେରି ୧୪ କୁଇଣ୍ଟାଲ ଆମ୍ବ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିବା ସିୱାଇଏସଡି ସଂଯୋଜକ ଆନନ୍ଦ ମଲ୍ଲିକ କହିଛନ୍ତି। ସଂଗୃହୀତ ଆମ୍ବ ମଧ୍ୟରେ ଦସେରି ଆମ୍ବ କେଜି ପ୍ରତି ୨୫ ଟଙ୍କା, ଆମ୍ରପଲ୍ଲି କେଜି ପ୍ରତି ୧୨ ଟଙ୍କା, ମଲ୍ଲିକା କେଜି ପ୍ରତି ୧୦ ଟଙ୍କା, ଲେଙ୍ଗଡା କେଜି ପ୍ରତି ୧୩ ଟଙ୍କା ଓ ବମ୍ବେ ଗ୍ରୀନ ଆମ୍ବ କେଜି ପ୍ରତି ୧୩ ଟଙ୍କା ଦରରେ ଚାଷୀମାନଙ୍କଠାରୁ ସଂଗ୍ରହ କରାଯାଇଥିବା କମ୍ପାନୀ ସଭାପତି ସାବିତ୍ରୀ ପାଇକ ସୂଚନା ଦେଇଛନ୍ତି। ଆଗକୁ ଜିଲାର ଲକ୍ଷ୍ମୀପୁର , କାକିରିଗୁମ୍ମା ସମେତ ବିଭିନ୍ନ ଅଞ୍ଚଳରୁ ଏପରି ଆମ୍ବ ସଂଗ୍ରହ କରି ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବା ସିଇଓ ମହାରଣା କହିଛନ୍ତି।

**ଆମ୍ବଚାଷୀ ପାଇଲେ ଉଚିତ୍ ମୂଲ୍ୟ**


ଦଶମନ୍ତପୁର ବ୍ଲକର ଏକ ଗ୍ରାମରୁ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଥିବା ଆମ୍ବ।

# ନବରଙ୍ଗପୁର ଜିଲାରେ ମାଟ୍ରିକ ପରୀକ୍ଷା ହାର ୯୪.୮୮

ନବରଙ୍ଗପୁର,୨୬।୫(ସଦାଶିବ ପ୍ରହରାଜ)


ସମୀକ୍ଷା ରାଣୀ ମାଳି


ଆକାଂକ୍ଷା ମିଶ୍ର


ପ୍ରତିଭା ସାହୁ


ଆରାଧନା ଚର୍ଚ୍ଚି


ନିହାର ରଞ୍ଜନ ପାଣିଗ୍ରାହୀ

■ ରାଜ୍ୟରେ ନବରଙ୍ଗପୁର ଜିଲା ୨୬ ନମ୍ବର ସ୍ଥାନରେ

■ ୭ ଜଣ ଏ-ୱାନ ପାଇଛନ୍ତି, ସେଥିମଧ୍ୟରୁ ୬ ଛାତ୍ରୀ

ପ୍ରକାଶ ପାଇଛି ମାଟ୍ରିକ ଫଳାଫଳ। ନବରଙ୍ଗପୁର ଜିଲାରେ ୭ ଜଣ ଏ-ୱାନ ପାଇଛନ୍ତି । ସେଥିମଧ୍ୟରୁ ୬ ଜଣ ଛାତ୍ରୀ ଓ ଜଣେ ଛାତ୍ର ରହିଛନ୍ତି । ନବରଙ୍ଗପୁର ଜିଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିଦ୍ୟାଳୟ ପକ୍ଷରୁ ୧୭୩୯୧ ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬୪୮୦ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଅଧୀନରେ ୭୩୬ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଜିଲାର ମୋଟ ୨୨୮ ହାଇସ୍କୁଲ ମଧ୍ୟରୁ ୮୮ ହାଇସ୍କୁଲର ମାଟ୍ରିକ ପରୀକ୍ଷା ପାସ୍ ହାର ଶତ ପ୍ରତିଶତ ରହିଛି। ତେବେ ଜିଲାର ୭ ଜଣ ପରୀକ୍ଷାର୍ଥୀ ଏ-ୱାନ ପାଇଛନ୍ତି। ନବରଙ୍ଗପୁର ନୋଡାଲ ଆର ସିଡ଼ି ହାଇସ୍କୁଲର ଛାତ୍ରୀ ସମୀକ୍ଷା ରାଣୀ ମାଳି ୬୦୦ରୁ ୫୬୭ ମାର୍କ ରଖିଛନ୍ତି । ସମୀକ୍ଷା ୯୪.୫ ପ୍ରତିଶତ ମାର୍କ ରଖି ଜିଲାର ଟପର ହୋଇଛନ୍ତି। ସେହିଭଳି ଉମରକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ମିଶ୍ର ୫୫୧ ଓ ଚନ୍ଦାହାଣ୍ଡି ଦଲବେଡା ଏସ୍ଏସ୍ଡି ହାଇସ୍କୁଲ ଛାତ୍ରୀ ପ୍ରତିଭା ସାହୁ ୫୫୧ ମାର୍କ ରହିଛନ୍ତି । ଆକାଂକ୍ଷା ଓ ପ୍ରତିଭା ୯୧.୮୩ ପ୍ରତିଶତ ମାର୍କ ରହି ଜିଲାରେ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରାଇଘର ବ୍ଲକ ନୂଆପାରା ସରକାରୀ ଏସ୍ଏସ୍ଡି ହାଇସ୍କୁଲର ଛାତ୍ରୀ ଆରାଧନା ଚର୍ଚ୍ଚି ୫୪୯ ମାର୍କ ରଖିଛନ୍ତି । ସେ ୯୧.୫୦ ପ୍ରତିଶତ ମାର୍କ ରଖି ଜିଲାରେ ତୃତୀୟ ସ୍ଥାନରେ ରହିଛନ୍ତି । ସେହିଭଳି ତେନ୍ତୁଳିଖୁଣ୍ଟି ବାପୁଜି ହାଇସ୍କୁଲର ଛାତ୍ର ନିହାର ରଞ୍ଜନ ପାଣିଗ୍ରାହୀ ୫୪୭ ମାର୍କ ରଖିଛନ୍ତି । ସେ ୯୧.୧୭ ପ୍ରତିଶତ ମାର୍କ ରଖି ଜିଲାରେ ୪ର୍ଥ ସ୍ଥାନରେ ରହିଛନ୍ତି । ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାଳୟ ଛାତ୍ରୀ ଅନୁସ୍ମା ହୋତା ୫୪୦ ଓ ଉମରକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଛାତ୍ରୀ ଆକାଂକ୍ଷା ମହାପାତ୍ର ୫୪୦ ମାର୍କ ରଖିଛନ୍ତି । ଉଭୟ୯୦ ପ୍ରତିଶତ ମାର୍କ ରଖି ଜିଲାରେ ଯୁଗ୍ମ ୫ମ ସ୍ଥାନରେ ରହିଛନ୍ତି। ଜିଲାରେ ଟପ୍ପର ରହିଥିବା ସମୀକ୍ଷା ରାଣୀ ମାଳି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ମାଆ ବାପାଙ୍କୁ ଶ୍ରେୟ ଜଣାଇଛନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ।

## ଉମରକୋଟ ପାଇଁ ଗୌରବ ଆଣିଲେ ଦୁଇ ଆକାଂକ୍ଷା

ଉମରକୋଟ (ସନ୍ତୋଷ ଶତପଥୀ )

ଉମରକୋଟ ସହରର ୨ ଜଣ ଛାତ୍ରୀ ଆକାଂକ୍ଷା ମିଶ୍ର ଓ ଆକାଂକ୍ଷା ମହାପାତ୍ର ଏ-୧ ଗ୍ରେଡରେ ପାସ୍ କରି ଉମରକୋଟ ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଉମରକୋଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ମିଶ୍ର। ସେ ମୋଟ ୬୦୦ ମାର୍କ ରୁ ୫୫୧ ମାର୍କ ୯୧.୮୩ % ମାର୍କ ରଖି ପାସ୍ କରିଛନ୍ତି। ଆକାଂକ୍ଷା ମିଶ୍ରଙ୍କ ବାପା ମନୋଜ କୁମାର ମିଶ୍ର ଚଟା ସରକାରି ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିବା ବେଳେ ମା' ନମିତା ମଞ୍ଜରୀ ପଣ୍ଡା ଉମରକୋଟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଅଟନ୍ତି। ଆକାଂକ୍ଷା ମିଶ୍ର ଭବିଷ୍ୟତରେ ଜଣେ ଡାକ୍ତର ହେବେ ବୋଲି କହିଛନ୍ତି । ସେ ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ।

## ପାପଡ଼ାହାଣ୍ଡି ବ୍ଲକ ଟପ୍ପର ହେଲେ ଓମ୍‌ଜାଦ

ପାପଡାହାଣ୍ଡି , (ସ୍ୱପ୍ନଜିତ ପଟ୍ଟନାୟକ)


ମା ବାପାଙ୍କ ସହ ଓମ୍‌ଜାଦ ।

ପାପଡାହାଣ୍ଡି ବ୍ଲକ ପାଇଁ ଗୌରବ ଆଣିଛନ୍ତି ଓମଜାଦ ପ୍ରକାଶ ପ୍ରଧାନ। ସେ ମୋଟ ୪୯୫ ନମ୍ବର ରଖି ପାପଡାହାଣ୍ଡି ବ୍ଲକ ଟପ୍ପର ହୋଇଛନ୍ତି। ଓମଜାଦ ମୈଦଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର। ଏହି ଖବର ପ୍ରସାରିତ ହେବାପରେ ଓମଜାଦଙ୍କ ପାଖକୁ ଶୁଭେଚ୍ଛା ର ସୁଅ ଛୁଟିଛି। ପ୍ରକାଶ ଥାଉକି, ଓମଜାଦଙ୍କ ବାପା ପ୍ରଦୀପ କୁମାର ପ୍ରଧାନ ମୈଦଲପୁର ମୁଖ୍ୟ ରାସ୍ତାରେ ଏକ ଫାଷ୍ଟଫୁଡ ଦୋକାନ କରି ନିଜର ପରିବାର ଭରଣପୋଷଣ କରୁଛନ୍ତି। ଆମ ପୁଅ ବ୍ଲକ ଟପ୍ପର ହୋଇଥିବାରୁ ଆମେ ଖୁସି ଜାହିର କରିପାରୁନାହିଁ ବୋଲି ମା' ଜ୍ୟୋସ୍ନାରାଣୀ କହିଛନ୍ତି।

## ନୀହାର ପାଣିଗ୍ରାହୀ ତେନ୍ତୁଳିଖୁଣ୍ଟି ବ୍ଲକ ଟପ୍ପର

ତେନ୍ତୁଳିଖୁଣ୍ଟି,(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକର ୨୦ଟି ହାଇସ୍କୁଲରୁ ୧୩୧୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୨୮୭ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବାପୁଜୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମରସିଂ ନାୟକ କହିଛନ୍ତି । ବ୍ଲକରେ ପାସ୍‌ହାର ୯୬ ପ୍ରତିଶତ ରହିଛି। ତେନ୍ତୁଳିଖୁଣ୍ଟି ବ୍ଲକର ସରକାରୀ ବାପୁଜୀ ହାଇସ୍କୁଲର ଛାତ୍ର ନିହାର ପାଣିଗ୍ରାହି ୬୦୦ ରୁ ୫୪୭ (ଏ୧ ) ରଖି ବ୍ଲକର ଟପ୍ପର ହୋଇଛନ୍ତି । ବାପା ଭୀମସେନ ପାଣିଗ୍ରାହି, ମା ମଧୁସ୍ମିତା,ବଡ ବାପା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ଆଶୀର୍ବାଦରୁ ଏହି ସଫଳତା ପାଇଥିବା ନିହାର କହିଛନ୍ତି।

## ମଙ୍ଗଳ ବିଭାଗ ହାଇସ୍କୁଲର ୯୯.୨୩% ପାସ୍‌ହାର

ନବରଙ୍ଗପୁର,୨୬।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଏସ୍ଏସ୍ଡି ହାଇସ୍କୁଲର ୩ ହଜାର ୨୫୨ ଛାତ୍ରୀ ଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୩୨୨୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାସ ହାର ୯୯.୨୩% ରହିଛି । ତେବେ ଏ-୧ରେ ୨ ଜଣ ଛାତ୍ରୀ ପାସ୍ ହୋଇଥିବା ବେଳେ ଏ-୨ରେ ୪୨, ବି ୧ରେ ୫୫୬, ବି-୨ରେ ୧୧୭୧, ସି-ରେ ୧୧୨୩, ଡି ରେ ୨୬୮ ଓ ଇ ଗ୍ରେଡରେ ୬୫ ଜଣ ଛାତ୍ରୀଛାତ୍ର ଉତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି । ଚନ୍ଦାହାଣ୍ଡି ଦଲବେଡା ସରକାରୀ ଏସଏସ୍ଡି ହାଇସ୍କୁଲର ପ୍ରତିଭା ସାହୁ ୫୫୧ ମାର୍କ ରଖି ୯୧.୮୩ ପ୍ରତିଶତ ଆଣିଛନ୍ତି । ସେହିଭଳି ରାଇଘର ବ୍ଲକ ନୂଆପାରା ସରକାରୀ ଏସଏସଡି ହାଇସ୍କୁଲର ଆରାଧନା ଚର୍ଚ୍ଚି ୫୪୯ ମାର୍କ ରଖି ୯୧.୫୦ ପ୍ରତିଶତ ମାର୍କ ରଖିଛନ୍ତି। ଜିଲାରେ ପ୍ରତିଭା ଯୁଗ୍ମ ଦ୍ୱିତୀୟ ଓ ଆରାଧନା ତୃତୀୟ ସ୍ଥାନରେ ରହିଛନ୍ତି।

## ବ୍ୟବସାୟୀଙ୍କୁ ଛୁରା ମାଡ଼ କରି ସୁନାଗହଣା ଲୁଟ୍

ଧୋଡ୍ରା,୨୬।୫ (ଗଣେଶ ଛତ୍ରିଆ)


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବକ।

ଜଣେ ବ୍ୟବସାୟୀଙ୍କୁ ଛୁରିରେ ଆକ୍ରମଣ କରି ଦୁର୍ବୃତ୍ତମାନେ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ଭିମାଗୁଡା ଗ୍ରାମର ବ୍ୟବସାୟୀ ଚନ୍ଦନ ସୋନି (୩୧) ଶନିବାର ରାତିଃ ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ସୁନା ଓ ରୁପା ବ୍ୟାଗ ଧରି ଘରକୁ ଫେରୁଥିଲେ। ଏହି ସମୟରେ ଭିମାଗୁଡା ଗ୍ରାମ ନିକଟରେ ୪ଜଣ ଯୁବକ ଚନ୍ଦନଙ୍କୁ ଖଣ୍ଡା ଓ ଛୁରିରେ ସାହାଯ୍ୟରେ ଆକ୍ରମଣ କରି ଅଳଙ୍କାର ଭର୍ତ୍ତି ବ୍ୟାଗ ଲୁଟି ନେଇ ଚାଲିଯାଇଥିଲେ। ବ୍ୟାଗରେ ୪୦ ଗ୍ରାମ ସୁନା ଓ ୩ କିଲୋ ରୁପା ଅଳଙ୍କାର, ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଚନ୍ଦନ ପୋଲିସକୁ କହିଛନ୍ତି।

ଚନ୍ଦନଙ୍କ ପ୍ରକୃତ ଘର ହେଉଛି ବିହାର ମୋତିହାରି ଜିଲା ହାରାଜ ଗ୍ରାମରେ। ଚନ୍ଦନ ଗତ ୫ ମାସ ହେବ ଭିମାଗୁଡାଠାରେ ଘର ଭଡା କରି ରହୁଛନ୍ତି। ଧୋଡ୍ରାଠାରେ ତାଙ୍କର ଏକ ସୁନା ଅଳଙ୍କାର ଦୋକାନ ରହିଛି। ଚନ୍ଦନ ପ୍ରତିଦିନ ଭଳି ଶନିବାର ରାତିରେ ଦୋକାନ ବନ୍ଦ କରି ସୁନାଗହଣା ଏକ ବ୍ୟାଗରେ ଧରି ନିଜ ୫ ବର୍ଷର ପୁଅ ପିୟୁଷ ସହ ଘରକୁ ଫେରୁଥିଲେ। ଏହି ସମୟରେ ଭିମାଗୁଡା ଗ୍ରାମ ନିକଟରେ ଦୁର୍ବୃତ୍ତମାନେ ଛୁରି ସାହାଯ୍ୟରେ ତାଙ୍କ ପଛପଟକୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ଗହଣାଭର୍ତ୍ତି ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଚନ୍ଦନ ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଚନ୍ଦନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ବର୍ତ୍ତମାନ ଚନ୍ଦନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ସଂକ୍ଷେପରେ

### ମାଓବାଦୀ ପୋଷ୍ଟର, ପାମ୍ଫଲେଟ ଜବତ; ଜଣେ ଗିରଫ

ମାଲକାନଗିରି,୨୬।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ମାଓବାଦୀ ପୋଷ୍ଟର ସହ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ତଙ୍ଗପାଲ ଥାନା ଅଞ୍ଚଳରେ ଡିଆରଜି ଓ ସିଆରପିଏଫ ବାହିନୀ ମିଳିତ ଭାବେ ବେଙ୍ଗପାଲ, ଟାଡକାବେଡା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ବେଙ୍ଗପାଲ ଗ୍ରାମ ନିକଟ ଦରଭା ଡିଭିଜନ ଅନ୍ତର୍ଗତ କଟକଲ୍ୟାଣ ଏରିଆ କମିଟିର ମାଓବାଦୀ ମଦଗାର ସୋମାରୁ ଓରଫ ସୋନାରୁଙ୍କୁ ଗିରଫ କରିଛି। ସୋମାରୁଙ୍କୁ ପଚରାଉଚରା ପରେ ସେ ରାସ୍ତାରେ ପୋଷ୍ଟର, ପାମ୍ଫଲେଟ ଲଗାଇବା ତଥା ପୋଲିସ ଗତିବିଧି ଉପରେ ନଜର ରଖିବା କାର୍ଯ୍ୟ କରୁଥିଲେ। ତାଙ୍କ ନିକଟରୁ ମାଓବାଦୀ ପୋଷ୍ଟର ଓ ପାମ୍ଫଲେଟ ଜବତ ପରେ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂଚନା ଦେଇଛି।

### ଓଁ ଭୁର୍ଭୁବଃ ସ୍ୱଃ ମହାବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର



ମାଲକାନଗିରି, ୨୬।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଓଁ ଭୁର୍ଭୁବଃ ସ୍ୱଃ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ୬୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୪୮ ଜଣ ପ୍ରଥମ, ୧୪ ଦ୍ୱିତୀୟ ଓ ୬ ଜଣ ତୃତୀୟ ସ୍ଥାନରେ ପାସ୍ କରିଛନ୍ତି। ଏହି ମହାବିଦ୍ୟାଳୟରେ ମଧ ଶତ ପ୍ରତିଶତ ପାସ୍ ହାର ହୋଇଛି। ସେମାନଙ୍କ ମଧ୍ୟରୁ ଉକ୍ତ ମହାବିଦ୍ୟାଳୟର ପ୍ରବୀଣ ଚୌଧୁରୀ ୪୬୫ ମାର୍କ ରଖିବା ସହ ୭୮ ପ୍ରତିଶତରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

## ବୁଲା ବିହାରୀ ସୁନା କାରିଗରଙ୍କୁ ପୋଲିସର ଯାଞ୍ଚ


ଥାନାକୁ ଯାଇଥିବା ସୁନା କାରିଗର।

ପାପଡାହାଣ୍ଡି,୨୬।୫(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ପକ୍ଷରୁ ବୁଲା ବିହାରୀ ସୁନା କାରିଗରଙ୍କୁ ପୋଲିସ ତରଫରୁ ଯାଞ୍ଚ କରାଯାଇଛି । ଯାଞ୍ଚ ବେଳେ କାରିଗରଙ୍କ ଆଧାର କାର୍ଡ ଓ ଡିଏଲ ଆଦି ପ୍ରମାଣପତ୍ର ଛାନଭିନ୍ନ କରାଯାଇ ଛାଡି ଦିଆଯାଇଛି । ସୂଚନା ଅନୁଯାୟୀ, ବିହାର ରାଜ୍ୟର ୯ ଜଣ ସୁନା ମରାମତି କାରିଗର ପାପଡାହାଣ୍ଡି ଅଞ୍ଚଳରେ ଘର ଘର ବୁଲି ସୁନା ମରାମତି କରୁଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଏହି ୯ ଜଣ କାରିଗରଙ୍କୁ ଥାନାକୁ ଡକାଇ ଯାଞ୍ଚ କରିଥିଲା। ଏହି ୯ ଜଣଙ୍କ ଆଧାର କାର୍ଡ ଅନ୍ୟାନ କାଗଜପତ୍ର ଯାଞ୍ଚ ପରେ ସେମାନେ କୌଣସି ଅପରାଧରେ ଲିପ୍ତ ନ ଥିବା ପୋଲିସ କହିଛି। ତେବେ ସେମାନେ ଅନ୍ୟ ରାଜ୍ୟରୁ ଆସି ଏହି ଅଞ୍ଚଳରେ କାମ କରିବା ନେଇ ଲୋକଙ୍କ ସନ୍ଦେହ ସୃଷ୍ଟି ହେଉଛି। ତେଣୁ କାରିଗରମାନଙ୍କୁ ସେଠାକାର ଜିଲାପାଳଙ୍କଠାରୁ ଲିଖିତ ପତ୍ର ଆଣି ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଥାନା ଅଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି । ତେବେ ସ୍ଥାନୀୟ ଜନ ସାଧାରଣଙ୍କୁ ବୁଲା ସୁନା କାରିଗରଙ୍କଠାରେ ମରାମତି ନ କରାଇ ନିଜ ଅଞ୍ଚଳର ଦୋକାନଗୁଡିକରେ ମରାମତି କରାଇବା ଲାଗି ଥାନା ଅଧିକାରୀ ଜନ ସାଧାରଣଙ୍କୁ ସଚେତନ କରାଇଛନ୍ତି ।

## ସତ୍ୟନାରାୟଣ ଆବାସିକ ମହାବିଦ୍ୟାଳୟର ୯୯ ପ୍ରତିଶତ ପାସ୍ ହାର

ମାଲକାନଗିରି, ୨୬।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ସତ୍ୟନାରାୟଣ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ୧୧୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୮ ପ୍ରଥମ ସ୍ଥାନ, ୩୧ ଦ୍ୱିତୀୟ ସ୍ଥାନ ଓ ୧୨ଜଣ ତୃତୀୟ ସ୍ଥାନରେ ପାସ୍ କରିଛନ୍ତି। ଏହି ମହାବିଦ୍ୟାଳୟରେ ୯୯.୧୦ ପ୍ରତିଶତ ପାସ୍ ହାର ହୋଇଛି। ସତ୍ୟନାରାୟଣ ମହାବିଦ୍ୟାଳୟର କାମରାଜୁ ପାଙ୍ଗୀ ୫୦୨ ମାର୍କ ଅର୍ଥାତ୍ ୮୨ ପ୍ରତିଶତ ରଖି ଟପ୍ପର ହୋଇଛନ୍ତି। ସେହିପରି ସତ୍ୟନାରାୟଣ ମହାବିଦ୍ୟାଳୟ କାଲିମେଲାରେ ମଧ ଶତ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ମିହିର ଢାଲି ୪୯୫ ସହ ୮୨.୫ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି।


କାମରାଜୁ ପାଙ୍ଗୀ

## ଯୁକ୍ତ ୨ ବିଜ୍ଞାନରେ ଯାଜ୍ଞସେନୀ ପରିଡ଼ା ଜିଲା ଟପ୍ପର

ମାଲକାନଗିରି, ୨୬।୫(ଦୁର୍ଯ୍ୟୋଧନ ପାତ୍ର)


ଯାଜ୍ଞସେନୀ ପରିଡା

ମାଲକାନଗିରି ଜିଲାରେ ଯୁକ୍ତ ୨ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ପରିଡ଼ା ଜିଲା ଟପ୍ପର ହୋଇଛନ୍ତି। ଯାଜ୍ଞସେନୀ ୫୨୯ ଅର୍ଥାତ୍ ୮୮ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ଦୈନିକ ୮ ଘଣ୍ଟା ସେ ପଢୁଥିବା ବେଳେ ଅଧ୍ୟାପକ, କୋଚିଂ ସେଣ୍ଟର ଶିକ୍ଷକମାନଙ୍କ ଶିକ୍ଷାଦାନ ଓ ମାତାପିତାଙ୍କ ଆଶୀର୍ବାଦ ଫଳରେ ସେ ଏହି ସଫଳତା ପାଇଥିବା କହିଛନ୍ତି। ଆଗାମୀ ଦିନରେ ନିଟ୍ ପ୍ରବେଶିକା ପରୀକ୍ଷା ପାଇଁ ଅଧ୍ୟୟନ କରି ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି।

## ଯୁକ୍ତ ୨ ବିଜ୍ଞାନରେ ଘଡ଼େଇ ଆବାସିକ ମହାବିଦ୍ୟାଳୟର ଶତ ପ୍ରତିଶତ ପାସ୍ ହାର

ମାଲକାନଗିରି,୨୬।୫(ଦୁର୍ଯ୍ୟୋଧନ ପାତ୍ର)


ସାଥୀ ତାରଫଦାର

ମାଲକାନଗିରି ସଦର ମହକୁମାସ୍ଥିତ ଘଡ଼େଇ ଆବାସିକ ମହାବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ହୋଇଥିବା ଦେଖିବାକୁ ମିଳିଛି। ଘଡ଼େଇ ଆବାସିକ ମହାବିଦ୍ୟାଳୟରେ ସାଥୀ ତାରଫଦାର ୫୧୧ ଅର୍ଥାତ୍ ୮୫ ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ମନୀଷା ଅଧିକାରୀ ଓ ଆଲୋକ ପାଣିଗ୍ରାହୀ ୮୪ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ମହାବିଦ୍ୟାଳୟରେ ସମୁଦାୟ ୨୦୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୫ ପ୍ରଥମ ସ୍ଥାନ, ୬୨ ଜଣ ଦ୍ୱିତୀୟ ସ୍ଥାନ ଓ ୮ ଜଣ ତୃତୀୟ ସ୍ଥାନରେ ପାସ୍ କରିଛନ୍ତି। ଏହି ମହାବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ରହିଛି।

## ଉମୁରି ବାଲିଯାତ୍ରା ଉଦ୍‌ଯାପିତ

ତେନ୍ତୁଳିଖୁଣ୍ଟି,୨୬।୫ (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକର ଅଞ୍ଚଳଗୁମା ପଞ୍ଚାୟତର ଉମୁରି ଗ୍ରାମରେ ଦୀର୍ଘ ୩ ମାସ ଧରି ଚାଲିଥିବା ପାଟ ବାଲିଯାତ୍ରା ଉଦ୍‌ଯାପିତ ହୋଇଛି। ଏହି ଗ୍ରାମରେ ୧୨ ବର୍ଷକୁ ଥରେ ଏହି ଅନୁଷ୍ଠିତ ହୋଇଥାଏ। ୯ ଦିନ ପୂର୍ବରୁ ବାଉଁଶରେ ନିର୍ମିତ ନୂତନ ଟାଙ୍ଗୁଡ଼ିରେ ଏକ ସ୍ୱତନ୍ତ୍ର ସ୍ଥାନରୁ ଶୋଭାଯାତ୍ରା ମାଧ୍ୟମରେ ବାଲି ସଂଗ୍ରହ କରି ଅଣାଯାଇଥାଏ। ବାଲି ଟାଙ୍ଗୁଡ଼ିରେ ବିଭିନ୍ନ ପ୍ରକାର ବିହନ ବିରି, ମକା, ଷୋରିଷ, ଧାନ ଇତ୍ୟାଦି ବୁଣାଯାଇଥାଏ। ସେଇ ବିହନ ଉପରେ ପ୍ରତିଦିନ ହଳଦୀ ପାଣି ସିଞ୍ଚନ କରାଯାଏ। ୯ ଦିନ ଧରି ସନ୍ଧ୍ୟା ସମୟରେ ପୂଜାର୍ଚ୍ଚନା ଓ ମନୋରଞ୍ଜନ ପାଇଁ ସ୍ଥାନୀୟ ଯୁବତୀ ଯୁବକଙ୍କ ଦ୍ୱାରା ଢେମସା ନାଚ ଆୟୋଜନ କରାଯାଉଥିଲା । ରବିବାର ଅପରାହ୍ନରେ ବହୁ ଲୋକ ଶୋଭାଯାତ୍ରା ମାଧ୍ୟମରେ ବାଲିଯାତ୍ରା ପଡିଆକୁ ଯାଇଥିଲେ। ବାଲିଯାତ୍ରାର ଶେଷ ଦିନରେ ଲୋକଙ୍କ ମନୋରଞ୍ଜନ ପାଇଁ ଦେଶିଆ ନାଟର ଆୟୋଜନ କରାଯାଇଥିଲା। ବାଲିଯାତ୍ରା ଶେଷ ଦିନରେ ଭାଜପାର ବିଧାୟକ ପାର୍ଥୀ ଗୌରୀଶଙ୍କର ମାଝୀ, ଅର୍ଜୁନ ତ୍ରିପାଠୀ, ଧରଣୀ ସିଂ, ସନ୍ତୋଷ ପାତ୍ର, ଅଭିମନ୍ୟୁ ହରିଜନ, ଅଚ୍ଯୁତାନନ୍ଦ ବିଷୋୟୀ, ସୂର୍ଯ୍ୟ ରନ୍ଧାରୀ, ପ୍ରଭାତୀ କାନ୍ଦ ଏବଂ ସ୍ଥାନୀୟ ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ ଚେୟାରମ୍ୟାନ ନିଳନ୍ଦ୍ରୀ ନାୟକ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ କ୍ରିଷ୍ଣ ମଞ୍ଜୁରୀ ବିଷୋୟୀ, ସୁବ୍ରତ ଚୌଧୁରୀ ଉପସ୍ଥିତ ଥିଲେ। ଗ୍ରାମର ସମସ୍ତ କମିଟି ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।


ମହିଳାମାନେ ବିହନ ମୁଣ୍ଡେଇ ବାଲିଯାତ୍ରା ପଡ଼ିଆକୁ ନେଉଛନ୍ତି।

## ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଚିନ୍ମୟ, ମହେଶ ଜିଲାରେ ଯୁଗ୍ମ ଟପ୍ପର

ବାଲିମେଲା/ମାଲକାନଗିରି, ୨୬।୫ (ଶିବଦତ୍ତ ସାହୁ/ ଦୁର୍ଯ୍ୟୋଧନ ପାତ୍ର)


ଚିନ୍ମୟ ପଣ୍ଡା


ମହେଶ ବେହେରା


ଶ୍ରଦ୍ଧାଞ୍ଜଳି ସାହୁ


ବିନିତ୍ ବିଶ୍ୱାସ

ମାଲକାନଗିରି ଜିଲାରେ ଦଶମ ଶ୍ରେଣୀରେ ମୋଟ ୯୫.୦୪ ପ୍ରତିଶତ ପାସ ହାର ହୋଇଥିବା ଦେଖିବାକୁ ମିଳିଛି। ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଚିନ୍ମୟ ପଣ୍ଡା ଓ ମହେଶ ବେହେରା ଚଳିତ ବର୍ଷର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉଭୟେ ୫୫୨ ଅର୍ଥାତ୍ ୯୧.୩୩ ପ୍ରତିଶତ ନମ୍ବର ରଖି ଜିଲାରେ ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ଏମ୍‌ଭି ୭ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ବିନିତ୍ ବିଶ୍ୱାସ ୫୫୧ ନମ୍ବର ରଖି ଜିଲାରେ ଦ୍ୱିତୀୟ ହୋଇଛନ୍ତି। ସେହିପରି ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ୫୪୮ ମାର୍କ ଅର୍ଥାତ୍ ୯୧%ରଖି ତୃତୀୟ ହୋଇଛନ୍ତି। ଏହି କୃତକାର୍ଯ୍ୟ ପାଇଁ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମର ସାମଲଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମାମାନେ ଦୁହିଁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ଆଶୀର୍ବାଦ ଦେଇଥିଲେ। ଚିନ୍ମୟ ଭବିଷ୍ୟତରେ ଜଣେ ବ୍ୟାଙ୍କ ଅଧିକାରୀ ଓ ମହେଶ ପ୍ରଶାସନିକ ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବାଲିମେଲା ଶିଶୁ ବିଦ୍ୟା ମନ୍ଦିରର ୬୪ ଛାତ୍ରୀ ଛାତ୍ର ପରୀକ୍ଷା ଦେଇ ଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୫୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ସରକାରୀ ବିଦ୍ୟାଳୟର କୌଣସି ପିଲାଙ୍କୁ ମିଳିନି ଏ୧ ଗ୍ରେଡ୍

■ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କୁ ସଫଳତା
■ ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ରାୟଗଡ଼ା,୨୬।୫
(ଆଶିଷ ରଞ୍ଜନ ପଣ୍ଡା)


ପ୍ରାଚୀ ପ୍ରତ୍ୟାଶା ମିଶ୍ର


ଦୀପିକା ନାୟକ


ଦିବ୍ୟଙ୍କା ନନ୍ଦ


ବିରୂପାକ୍ଷ ସାହୁ


ସାଇ ସମ୍ଭବ ରାଉତ


ଦେବାଶିଷ ରଥ


ଶୁଭଶ୍ରୀ ଚୌଧୁରୀ

ରାୟଗଡ଼ା ଜିଲାରେ ଥିବା ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି ରବିବାର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଥିବା ମାଟ୍ରିକ୍ ପରୀକ୍ଷାଫଳରୁ। ଚଳିତଥର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ହେଲେ ଛାତ୍ରୀଛାତ୍ର ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଫଳରେ ଜିଲାରେ ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଜିଲାରେ ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୮ ଛାତ୍ରୀଛାତ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୋଲି ଜଣାପଡିଛି। ସେମାନେ ହେଲେ ଅମ୍ଲାଦଳାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରାଚୀ ପ୍ରତ୍ୟାଶା ମିଶ୍ର, ଦୀପିକା ନାୟକ, ଦିବ୍ୟଙ୍କା ନନ୍ଦ, ରାୟଗଡ଼ା ସହରର ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିରୂପାକ୍ଷ ସାହୁ, ସାଇ ସମ୍ଭବ ରାଉତ, ଦେବାଶିଷ ରଥ ଏବଂ ଶୁଭଶ୍ରୀ ଚୌଧୁରୀ ଏବଂ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଆଦ୍ୟାଶା ପଣ୍ଡା ଏ-୧ ଗ୍ରେଡ୍ ପାଇଛନ୍ତି। ତେବେ ସରକାରୀ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ମୋଟା ଅଙ୍କର ଦରମା ପାଉଥିଲେ ମଧ୍ୟ ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ ଜିଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସର୍ବନିମ୍ନ ୧ କୋଟି ଟଙ୍କା ବ୍ୟୟବରାଦ କରି ରୂପାନ୍ତରଣ ହୋଇଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ସ୍ମାର୍ଟ କ୍ଲାସରୁମ ସମେତ ଡିଜିଟାଲ ବ୍ୟବସ୍ଥା ଗ୍ରହଣ କରାଯାଇଛି। କିନ୍ତୁ ପରୀକ୍ଷାଫଳ ନିରୁତ୍ସାହଜନକ ରହିଛି। ଏଥିପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ହିଁ ଦାୟୀ ବୋଲି ଅନେକ ଶିକ୍ଷାବିତ୍ ମତପ୍ରକାଶ କରିଛନ୍ତି। ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଗୁଣାତ୍ମକ ଶିକ୍ଷାଦାନକୁ ନିଜର କର୍ତ୍ତବ୍ୟ ଭାବିବା ବଦଳରେ କେବଳ ୧୦ରୁ ୪ ଡ୍ୟୁଟି କରିବା ପାଇଁ ଆସୁଛନ୍ତି। ଅନେକ ଶିକ୍ଷୟିତ୍ରୀ ଶିକ୍ଷକ କେଉଁଭଳି ଶିକ୍ଷାଦାନ କରାଯାଏ, ତାହାର ଢଙ୍ଗ ମଧ୍ୟ ଜାଣି ନ ଥିବା ଅଭିଯୋଗ ହେଉଛି। ବିଦ୍ୟାଳୟର ଦଣ୍ଡବିଧାନ ବ୍ୟବସ୍ଥା ଉଠିଯାଇଥିଲେ ମଧ୍ୟ ଭୟରେ ଛାତ୍ରୀଛାତ୍ର ପ୍ରଶ୍ନ ମଧ୍ୟ କରୁନାହାନ୍ତି। ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ନିୟମିତ ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା କାରଣରୁ ଏହିଭଳି ସମସ୍ୟା ଉପୁଜୁଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ରାୟଗଡ଼ା ଜିଲାର ଶିକ୍ଷା ଓ ମଙ୍ଗଳ ବିଭାଗର ବିଦ୍ୟାଳୟରେ ସର୍ବାଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲା ପାଠ ପଢୁଛନ୍ତି। କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ଶିକ୍ଷା ପ୍ରତି ଧ୍ୟାନ ନ ଦେବା କାରଣରୁ ଏଭଳି ଫଳ ମାଟ୍ରିକ୍‌ରେ ହେଉଛି। ଆଦିବାସୀ ଅଧ୍ୟୁଷିତ ଏହି ଜିଲାରେ ପ୍ରତିବର୍ଷ ସରକାରୀ ବିଦ୍ୟାଳୟ ଫଳ ସମାନ ରହୁଛି।

ପ୍ରକାଶଥାଉ କି, ଗତବର୍ଷ ମଧ୍ୟ ମାଟ୍ରିକ୍ ପରୀକ୍ଷାରେ ୧୧ ଜଣ ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେଥିରୁ ୪ ଜଣ ସରକାରୀ ବିଦ୍ୟାଳୟର ରହିଥିଲେ। ତେବେ ଏଥର ଜଣେ ମଧ୍ୟ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ଜିଲା ଶିକ୍ଷା ବିଭାଗରୁ ମିଳିଥିବା ସୂଚନା କହୁଛି। ସରକାର ଏଥିପ୍ରତି ଧ୍ୟାନ ଦେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଅଭିଭାବକ ମହଲରେ ଦାବି ହେଉଛି। ଏ ନେଇ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ବର୍ତ୍ତମାନର ପରୀକ୍ଷା ଫଳକୁ ଦେଖିବା ପରେ ଏହାର ତର୍ଜମା କରାଯିବ ଏବଂ ଆଗାମୀ ବର୍ଷରେ ସରକାରୀ ଉଚ୍ଚ ବିଦ୍ୟାଳୟରେ କିଭଳି ଭଲ ପ୍ରଦର୍ଶନ ରହିବ ସେଥିପ୍ରତି ଧ୍ୟାନ ଦେବୁ ବୋଲି କହିଛନ୍ତି।

# କୁଟୁଲି ଦଳ ଚାମ୍ପିୟନ

ଟିକିରି, ୨୬।୫(ପ୍ରଫୁଲ୍ଲ କୁମାର ବେହେରା)

**ପଞ୍ଚାଲି ପ୍ରିମିୟର୍ ଲିଗ୍-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ରାୟଗଡା ଜିଲା କାଶୀପୁର ବ୍ଲକ ଶଙ୍କରଡା ପଞ୍ଚାୟତ ପଞ୍ଚାଲି ଗ୍ରାମରେ ପଞ୍ଚାଲି ପ୍ରିମିୟର୍ ଲିଗ୍-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମେ ୧ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ କୁଟୁଲି ଓ ଗୋରଖପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ମ୍ୟାଚରେ କୁଟୁଲି ଦଳ ଚାମ୍ପିୟନ ହୋଇଛି।

କୁଟୁଲି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୪୮ ରନ କରିଥିଲେ । ଏହାର ଜବାବରେ ଗୋରଖପୁର ଦଳ ଲକ୍ଷ୍ୟ ପୂରଣ ନ କରିପାରି ହାରିଯାଇଥିବା ଜଣାପଡ଼ିଛି। ଚାମ୍ପିୟନ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ ଗୋରଖପୁର ଦଳକୁ ୨୦ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ଆଲୁମିନା କମ୍ପାନୀର ସିଇଓ ମଜହର୍ ଉଲ୍ଲା ବେଗ, ସିଏସ୍ଆର ହେଡ୍ ଲୋପାମୁଦ୍ରା ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝି, ସମିତି ସଭ୍ୟ ସଜନୀ ମାଝୀ , ନାଏବ ସରପଞ୍ଚ ପ୍ରବୀଣ କୁମାର ଟାକ୍ରି ଏବଂ ଗ୍ରାମର ଧାଙ୍ଗଡ଼ା ମାଝି, ନରେନ୍ଦ୍ର ଖରା, ମଳୟ ଟାକ୍ରି ପ୍ରମୁଖ ଯୋଗଦେଇଥିଲେ। ଅର୍ଗାନାଇସନ ଟିମ ପଞ୍ଚାଲି ଏବଂ ଅମ୍ପାୟାର ଭାବେ ଗିରିଧାରୀ ଖରା , ରିଙ୍କୁ ଟାକ୍ରି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ବଜରଙ୍ଗ ଦଳ ତରଫରୁ ସଫେଇ

ମୁନିଗୁଡ଼ା,୨୬।୫ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାରେ ବଜରଙ୍ଗ ଦଳ ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଦିନିଆ ବର୍ଷାରେ ମୁନିଗୁଡାର ବିଭିନ୍ନ ସ୍ଥାନରେ ଥିବା ଡ୍ରେନରେ ବର୍ଷା ପାଣି ନିଷ୍କାସନ ନ ହୋଇ ଅଳିଆ ଆବର୍ଜନା ରାସ୍ତା ଉପରେ ପଡି ରହିଥିଲା । ଏହାକୁ ସଫା କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେବେ ଶତାଧିକ ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ବେଳେ ଦୁର୍ଗନ୍ଧ କାରଣରୁ ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ଫଳରେ ବାଧ୍ୟ ହୋଇ ବଜରଙ୍ଗ ଦଳର ପ୍ରମୁଖ ପଦ୍ମ ବେହେରା, ଭୀମ ବେହେରା ଓ ସୁବାଷ ଗୌଡ଼ଙ୍କ ମିଳିତ ଉଦ୍ୟମରେ ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା । ସଫେଇ ହେଉଥିବା ଖବରପାଇବା ପରେ ପଞ୍ଚାୟତ ତରଫରୁ ଆବର୍ଜନା ଗାଡ଼ି ସେଠାକୁ ଆସି ସମସ୍ତ ଅଳିଆ ଆବର୍ଜନା ସେଠାରୁ ଉଠାଇ ନେଇଥିଲା। ବର୍ଷାଋତୁ ପୂର୍ବରୁ ପ୍ରଶାସନ ତରଫରୁ ସମସ୍ତ ଡ୍ରେନ୍ ସଫେଇ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଗାଡି ଧକ୍କା ରେ ମହିଳା ଙ୍କ ମୃତ୍ୟୁ

ଜୟପୁର, ୨୬।୫(ପବନ ପାଣିଗ୍ରାହୀ)

ଗାଡି ଧକ୍କାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ସିରାଗୁଡା ଗ୍ରାମର ସୁକଳ ଭତ୍ରା (୩୨)। ସେ ଚାଲି ଚାଲି ଯାଉଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୁକ୍ତ ଗିରଫ

କୋଟପାଡ଼,୨୬।୫ (କେ. ରାଜଶେଖର ରାଓ)

କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ କୁସୁମି ପଞ୍ଚାୟତର ଚୋରାମୁଳା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ୪ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ଝିଅର ମା' ଶନିବାର କୋଟପାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଚୋରାମୁଳା ଗ୍ରାମର ସମ୍ପୃକ୍ତା ମହିଳା ଶୁକ୍ରବାର ସନ୍ଧ୍ୟାରେ ନିଜ ଘର ବାଡ଼ି ପଛପଟେ କିଛି କାମ କରୁଥିବା ବେଳେ ଝିଅ ଘର ଆଗଣାରେ ଖେଳୁଥିଲା। କିଛି ସମୟ ପରେ ସେ ଝିଅକୁ ଖୋଜିଥିଲେ। ଏହି ସମୟରେ ଝିଅକୁ ଧରି ଗ୍ରାମର ନରସିଂଘ ଭୁମିଆ ଆସି ଝିଅ ଆଇସକ୍ରିମ କିଣିବାକୁ କହିବାରୁ ତାକୁ ଦୋକାନକୁ ନେଇ ଆଇସକ୍ରିମ କିଣିଦେଲି ବୋଲି କହି ଚାଲି ଯାଇଥିଲେ । ପରେ ଝିଅ ଦେହ ଖରାପ ଲାଗୁଥିବା କହି ମାଙ୍କୁ ତା'ସହ ହୋଇଥିବା ସବୁ କଥା କହିଥିଲେ। ଘଟଣା ଜାଣିବା ପରେ କୋଟପାଡ଼ ଥାନାରେ ମହିଳା ଜଣକ ଅଭିଯୋଗ କରି ନରସିଂଘ ଆଇସକ୍ରିମ କିଣି ଦେବାକୁ କହି ତାଙ୍କ ଝିଅକୁ ନେଇ ନିକଟସ୍ଥ ଏକ ବିଦ୍ୟାଳୟ ପଛ ପଟେ ବଳାତ୍କାର କରିଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ପୋଲିସ ଆଇପିସି ଦଫା ୩୭୬/୩୭୬ ପୋକ୍ସୋ ଦଫା/୪ ଲଗାଇ ନରସିଂଘଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ କହିଛି।

# ବେସରକାରୀ ଜମିରେ ତାରବାଡ଼ ବେଢ଼ି ରାଜସ୍ୱ ବିଭାଗ ହଟହଟା

**ସରକାରୀ ଜମିରେ ତାରବାଡ ଭାଙ୍ଗି ଜବରଦଖଲ ପ୍ରସଙ୍ଗ**

ଗୁଣପୁର,୨୬।୫(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ସହର କପିଳପୁର ନିକଟରେ ଥିବା ଏକ ସରକାରୀ ଜମିରେ ଜବରଦଖଲ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଜିଲାପାଳଙ୍କ ନିକଟରେ ପହଞ୍ଚିବା ପରେ ସେ ଘଟଣାର ତଦନ୍ତ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଏବଂ ଅନ୍ୟ କ୍ଷେତ୍ର ଅଧିକାରୀମାନେ ରବିବାର ଅପରାହ୍ନରେ ସେହି ସ୍ଥାନରେ ପହଞ୍ଚି ଜମିର ମାପଚୁପ କରିଥିଲେ। ଯେଉଁ ଜମି ଚିହ୍ନଟ କରି ସରକାରୀ ଭାବେ ଦର୍ଶାଇଥିଲେ, ସେହି ଜମି ଚାରିପଟେ ୧୩ ଲକ୍ଷ ଟଙ୍କା ବ୍ୟୟରେ ତାରବାଡ କରାଯାଇଥିଲା। ତେବେ ବେସରକାରୀ ଜମିର କିଛି


ତହସିଲଦାରଙ୍କ ଉପସ୍ଥିତିରେ ଜମିରେ ମାପଚୁପ କରାଯାଉଛି ।

ପରିମାଣ ଜାଗାରେ ରାଜସ୍ୱ ବିଭାଗ ପକ୍ଷରୁ ତାରବାଡ଼ କରାଯାଇଥିବା ଜଣାପଡିଥିଲା। ବେସରକାରୀ ଜମିରେ କିପରି ତାରବାଡ ହେଲା ତାହାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏପରି ଭୁଲ ପାଇଁ ଦାୟୀ କିଏ ଏବଂ ଜିଲା ପ୍ରଶାସନ କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା। ରାଜସ୍ୱ ବିଭାଗର ଜମି ଚିହ୍ନଟକରଣ ଭୁଲ ରହିଥିଲା କି, ଜମି ଚିହ୍ନଟ ପରେ ସେହି ଅଞ୍ଚଳରେ ସରକାରଙ୍କ ୧୩ ଏକର ଜମି ରହିଛି, ସେ ନେଇ ତଦନ୍ତ ସାପେକ୍ଷ। ଏପରି ଘଟଣା ଏବେ ରାଜସ୍ୱ ବିଭାଗର ପାରିବା ପଣିଆ ପ୍ରତି ପ୍ରଶ୍ନ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୁଣପୁର ତହସିଲଦାର ଲୀଳାବତି ଆଚାର୍ଜିଙ୍କ ସହ ଯୋଗାଯୋଗ କରାଯିବାରୁ ଏହି କାର୍ଯ୍ୟ ପୂର୍ବରୁ ଚିହ୍ନଟକରଣ କରି ହୋଇଥିବା କହିଥିଲେ।

# ତ୍ରିବେଣୀ ଜ୍ଞାନ ମନ୍ଦିର ଛାତ୍ରୀଛାତ୍ରଙ୍କ ବାଜିମାତ

ପଦ୍ମପୁର, ୨୬।୫
(ପ୍ରଶାନ୍ତ କୁମାର କର)


ସୁଶ୍ରୀ ଝରଣା ସାହୁ

ଯୁକ୍ତ ୨ ବିଜ୍ଞାନ ଓ କଳା ବିଭାଗରେ ପଦ୍ମପୁରସ୍ଥିତ ତ୍ରିବେଣୀ ଜ୍ଞାନ ମନ୍ଦିରର ଶତ ପ୍ରତିଶତ ଫଳାଫଳ ହୋଇଛି। ସର୍ବମୋଟ ୯୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୩ ଜଣ ପ୍ରଥମ ଶ୍ରେଣୀ, ୨୭ ଜଣ ଦ୍ୱିତୀୟ ଓ ୨୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତ୍ରିବେଣୀ ଜ୍ଞାନ ମନ୍ଦିରର ସୁଶ୍ରୀ ଝରଣା ସାହୁ ନିଜର ଦୃଢ଼ ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ରାୟଗଡ଼ା ଜିଲାରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁଶ୍ରୀ ଝରଣା ସାହୁଙ୍କ ପିତା କର୍କଟ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ। ଦରିଦ୍ରତାର କଷାଘାତ ଦେଇ ଗତି କରିଥିଲେ ମଧ୍ୟ ସାରସତ୍ୱ ଶିକ୍ଷା ସାଧନରୁ ଓହରିଯାଇ ନ ଥିଲେ। ଉକ୍ତ ଛାତ୍ରୀଙ୍କ ପାଠପଢା ପ୍ରତି ପ୍ରବଳ ଇଚ୍ଛା ଶକ୍ତି ଥିବାରୁ ତ୍ରିବେଣୀ ଜ୍ଞାନ ମନ୍ଦିରର ସଭାପତି ସ୍ୱାଗତ ଶେଖର ଜେନା ଓ ତାଙ୍କ ବନ୍ଧୁ ତାପସ ଗୌଡ଼ ପାଠ ପଢିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଆଦର୍ଶ ଥାନା ପକ୍ଷରୁ ରକ୍ତଦାନ ଶିବିର

ଗୁଣପୁର,୨୬।୫ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଆଦର୍ଶ ଥାନା ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସଂଗୃହୀତ ରକ୍ତକୁ ଗୁଣପୁର ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଏସ୍‌ଡିପିଓ ବାବୁଲି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଉତ୍ତମ କୁମାର ସାହୁ, ଏସ୍ଆଇ ଅଶୋକ କୁମାର ପାଢ଼ୀ, ଚନ୍ଦ୍ରକାନ୍ତ ମହାନ୍ତି, ଏଏସ୍ଆଇ ବନମାଳୀ ନାୟକ, ଜିଆଇଆଇଟି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସମାଜସେବୀ ରମେଶ ଚନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଗୁଣପୁର ରକ୍ତ ଭଣ୍ଡାରର ଡାକ୍ତର ସୁଜାତା ଦେବୀ, ଟେକ୍ନିସିଆନ୍ ରାକେଶ କୁମାର ପଣ୍ଡା, ଦେବାଶିଷ ତରାଇ, ସଙ୍ଗୀତା ନାୟକ, ରୋଜି ନାୟକ ଓ ଅରୁଣ ଲିମା ପ୍ରମୁଖ ଯୋଗ ଦେଇ ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ପୋଲିସ ବିଭାଗର କର୍ମଚାରୀ, ବିଭିନ୍ନ ସଙ୍ଗଠନର ଯୁବକ ଓ ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ବିଦ୍ୟାର୍ଥୀ ଯୋଗ ଦେଇ ଉତ୍ସାହର ସହ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।


ଜଣେ ଯୁବକଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

# ଯୁକ୍ତ ୨ ପରୀକ୍ଷାରେ ଜେଆଇଟିଏମ୍ କଲେଜର ସଫଳତା

ରାୟଗଡା,୨୬।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ସହର ଉପକଣ୍ଠ ପିତାମହଲସ୍ଥିତ ଜେଆଇଟିଏମ ଯୁକ୍ତ ୨ ବିଜ୍ଞାନ କଲେଜର ଛାତ୍ରୀଛାତ୍ର ଚଳିତ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଅର୍ଜନ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ର ଲୋକନାଥ ବାସାରି ୮୨ % ମାର୍କ ରଖି ଶିକ୍ଷାନୁଷ୍ଠାନର ଟପ୍ପର ହୋଇଛନ୍ତି। ସେହିଭଳି ବିଶ୍ୱଜିତ ନାୟକ ୭୫ % ମାର୍କ ରଖି ଦ୍ୱିତୀୟ ଓ ମମତା ସାହୁ ୭୪ % ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏଭଳି ସଫଳତା ପାଇଁ ଅଭିଭାବକ ମହଲରେ ଖୁସି ଦେଖିବାକୁ ମିଳିଛି । କଲେଜର ସର୍ବାଧିକ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାରୁ ଅଭିଭାବକମାନେ ଜେଆଇଟିଏମ କଲେଜର ପ୍ରତ୍ୟେକ ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ପରିଚାଳନା ମଣ୍ଡଳୀଙ୍କ ଅହରହ ଉଦ୍ୟମ ସହ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହଯୋଗ କ୍ରମେ ଛାତ୍ରୀଛାତ୍ର ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନୁଷ୍ଠାନ ନିର୍ଦ୍ଦେଶକ ଡ଼. ରାଜେଶ କୁମାର ପାଢୀ କହିଛନ୍ତି । ଏଥିସହିତ ଭଲ ମାର୍କ ରଖି ପାସ୍ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଢି ଅଭିନନ୍ଦନ ଜ୍ଞାପନ କରିବା ସହ ଆଗାମୀ ଭବିଷ୍ୟତରେ ଅନୁରୂପ କଠିନ ପରିଶ୍ରମ କରି ପେଶାଦାର ଓ ବ୍ୟକ୍ତଗତ ଜୀବନରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଛନ୍ତି ।

# ସତନାମୀ ସମାଜର ବୈଠକ

ପାପଡାହାଣ୍ଡି,୨୬।୫
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ସତନାମୀ ସମାଜର ଏକ ବୈଠକ ରବିବାର ସ୍ଥାନୀୟ ଗୁରୁ ଘାସିଦାସ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଇଯାଇଛି। ଉକ୍ତ ବୈଠକରେ ସ୍ଥାନୀୟ ସମସ୍ୟାର ସମାଧାନ ତଥା ସମାଜର ଉନ୍ନତି ପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସତନାମୀ ସମାଜର ଯୁବବର୍ଗଙ୍କ ଆର୍ଥିକ ବିକାଶ ତଥା ରୋଜଗାର ପାଇଁ ଏକ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନିଆଯିବା ସହ ଚମଡା ଶିଳ୍ପ ପୁନଃ କାର୍ଯ୍ୟକ୍ଷମ ପାଇଁ ପ୍ରୟାସ କରିବାକୁ ବରିଷ୍ଠ ସଦସ୍ୟମାନେ ପରାମର୍ଶ ଦେଇଥିଲେ। ବୈଠକରେ ମିତ୍ରଭାନୁ ଦାସ, ପ୍ରବୀଣ କୁମାର ସତନାମୀ, ରମେଶ ସତନାମୀ , ରବି ଚନ୍ଦ୍ର ସତନାମୀ , ହରିଶଙ୍କର ସତନାମୀ , ଶିବଲାଲ ସତନାମୀ, ରସାନନ୍ଦ ସତନାମୀ, ସହଦେବ ସତନାମୀ ପ୍ରମୁଖ ଯୋଗ ଦେଇଥିଲେ।

# ରାୟଗଡ଼ା ଜିଲାର ପାସ୍ ହାର ୯୬.୧୬%

■ ପ୍ରକାଶ ପାଇଲା ମାଟ୍ରିକ୍ ପରୀକ୍ଷାଫଳ
■ ଅମ୍ଲାଦଳା ଏସ୍‌ଏସ୍‌ଭିଏମ୍ ସ୍କୁଲର ପ୍ରାଚୀ ମିଶ୍ର ଜିଲା ଟପ୍ପର

ରାୟଗଡ଼ା,୨୬।୫(ଆଶିଷ ରଞ୍ଜନ ପଣ୍ଡା)

ପ୍ରକାଶ ପାଇଥିବା ମାଟ୍ରିକ୍ ପରୀକ୍ଷାଫଳରେ ରାୟଗଡ଼ା ଜିଲାର ପାସ୍ ହାର ୯୬.୧୬% ରହିଛି। ଛାତ୍ରୀ ପ୍ରାଚୀ ପ୍ରତ୍ୟାଶା ମିଶ୍ର ୯୩.୮୩% ମାର୍କ ରଖି ଜିଲାରେ ଟପ୍ପର ହୋଇଛନ୍ତି। ପ୍ରାଚୀ ଅମ୍ଲାଦଳାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ। ସେ ୫୬୩ ମାର୍କ ରଖିଛନ୍ତି। ସେହିଭଳି ସେହି ବିଦ୍ୟାଳୟର ଛାତ୍ରୀ ଦୀପିକା ନାୟକ ୫୫୭ ଓ ଦିବ୍ୟଙ୍କା ନନ୍ଦ ୫୫୨ ମାର୍କ ରଖିଛନ୍ତି। ସମ୍ପୃକ୍ତ ବିଦ୍ୟାଳୟର ୩ ଜଣ ଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଅନ୍ୟପକ୍ଷେ ରାୟଗଡ଼ା ସହରର ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ବିରୂପାକ୍ଷ ସାହୁ ୫୫୯, ସାଇ ସମ୍ଭବ ରାଉତ ୫୫୨, ଦେବାଶିଷ ରଥ ୫୫୦ ଏବଂ ଶୁଭଶ୍ରୀ ଚୌଧୁରୀ ୫୪୫ ମାର୍କ ରଖିଛନ୍ତି। ସେହିଭଳି ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଆଦ୍ୟାଶା ପଣ୍ଡା ୫୪୦ ମାର୍କ ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ର ଉତ୍ସାହିତ ହୋଇଛନ୍ତି। ଫଳାଫଳ ପାଇଁ ଅଭିଭାବକ ମହଲରେ ମଧ୍ୟ ଖୁସିର ଲହରି ଖେଳିଯାଇଛି।

ଚଳିତବର୍ଷ ଜିଲାର ୨୦୭ ବିଦ୍ୟାଳୟର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨୩ ବିଦ୍ୟାଳୟରେ ଶତପ୍ରତିଶତ ପିଲା ପାସ୍ କରିଛନ୍ତି। ବଳକା ୮୪ ବିଦ୍ୟାଳୟର ଫଳ ନିରୁତ୍ସାହଜନକ ରହିଛି। ଜିଲାର ୪୪ଟି ହାଇସ୍କୁଲ ମଧ୍ୟରୁ ୩୩ଟି ହାଇସ୍କୁଲରେ ଶତ ପ୍ରତିଶତ ପରୀକ୍ଷାଫଳ ହୋଇଛି ଏବଂ ଅବଶିଷ୍ଟ ୧୧ଟି ବିଦ୍ୟାଳୟରେ ପରୀକ୍ଷାଫଳ ୯୩%ରୁ ଅଧିକ ରହିଛି। ମୋଟ ୩୩୯୨ ପିଲା ଏଥର ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ମାତ୍ର ୨୭ ଜଣ ପିଲା ଫେଲ୍ ହୋଇଛନ୍ତି ଏବଂ ୩୩୬୫ ଜଣ ପାସ୍ କରିଛନ୍ତି। ଏଥିରୁ ଏ-୨ ଗ୍ରେଡରେ ୫ ଜଣ, ବି-୧ ଗ୍ରେଡରେ ୧୪୮ ଜଣ, ବି-୨ ଗ୍ରେଡରେ ୪୩୫ ଜଣ, ସି-ଗ୍ରେଡରେ-୧୦୧୫, ଡି ଗ୍ରେଡରେ ୧୨୦୧ ଜଣ ଓ ଇ- ଗ୍ରେଡରେ ୫୬୧ ଜଣ ପାସ୍ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଦ୍ୟାଶା ଗୁଣପୁର ଟପ୍ପର

ଗୁଣପୁର,(ପ୍ରଦୀପ କୁମାର ପାଢୀ)


ଆଦ୍ୟାଶା ପଣ୍ଡା

ଗୁଣପୁର ସହରରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟରେ ଏ-୧ ଶୂନ ରହିଛି। ଏ-୨ରେ ମଧ୍ୟ କୌଣସି ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଏସଏଲଏନଏମ ହାଇସ୍କୁଲ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ଲେଖାଏ ପିଲା ବି-୧ ରେ ପାସ୍ ହୋଇଛନ୍ତି। ତେବେ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଆଦ୍ୟାଶା ପଣ୍ଡା ୫୪୦ ନମ୍ବର ରଖି ଏ୧ ଗ୍ରେଡରେ ପାସ୍ କରି ଗୁଣପୁର ଟପ୍ପର ହୋଇଛନ୍ତି। ସେହି ବିଦ୍ୟାଳୟର ଦୁଇ ଜଣ ସାଇ ସରଣ ମିଶ୍ର ୫୨୮ ନମ୍ବର ରଖି (ଏ-୨) ଏବଂ ଦେବୀ ପ୍ରସାଦ ମିଶ୍ର ୫୨୭ ନମ୍ବର ରଖି ଏ-୨ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ପଦ୍ମପୁର ପାଇଁ ଗୌରବ ଆଣିଛନ୍ତି ଶୁଭଶ୍ରୀ ସାହୁ

ପଦ୍ମପୁର, (ପ୍ରଶାନ୍ତ କୁମାର କର)

ବିଜୟାନନ୍ଦ ହାଇସ୍କୁଲର ଛାତ୍ରୀ ଶୁଭଶ୍ରୀ ସାହୁ ପଦ୍ମପୁର ବ୍ଲକ ଟପ୍ପର ହୋଇଛନ୍ତି। ଜଗଦୀଶ ସାହୁଙ୍କ ଝିଅ ଶୁଭଶ୍ରୀ ପଦ୍ମପୁର ବ୍ଲକ ପାଇଁ ସୁନାମ ଆଣିଥିବାରୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ହୃଷିକେଶ ରଥ ଓ ଅନ୍ୟ ଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପାୟଲ ବେହେରା ଗୁଡାରି ବ୍ଲକ୍ ଟପ୍ପର

ଗୁଡାରି,(ପ୍ରମୋଦ କୁମାର ପତି)

ଗୁଡାରି ସରକାରୀ ହାଇସ୍କୁଲର ଛାତ୍ରୀ ପାୟଲ ବେହେରା ମୋଟ ୪୯୪ ମାର୍କ ରଖି ଗୁଡାରି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ସେହି ବିଦ୍ୟାଳୟର ଛାତ୍ର ଶରତ ମୁଗୁଲି ୪୮୪ ମାର୍କ ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ମୁନିଗୁଡ଼ା ବ୍ଲକରେ ଶତପ୍ରତିଶତ ପାସ୍ ହାର

ମୁନିଗୁଡ଼ା, (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ଅନ୍ତର୍ଗତ ମୁନିଗୁଡ଼ା ବ୍ଲକର ବିଭିନ୍ନ ହାଇସ୍କୁଲରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଅମ୍ଲାଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଏ-୧ ଗ୍ରେଡ୍ ରଖି ଜିଲାରେ ଟପ୍ପର ହୋଇଥିବା ଜଣାପଡିଛି। ବ୍ଲକର ଅମ୍ଲାଦଳାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପ୍ରାଚୀ ପ୍ରତ୍ୟାଶା ମିଶ୍ର ୫୬୩ ମାର୍କ ରଖି ଜିଲାରେ ଟପ୍ପର ହୋଇଥିବା ବେଳେ ଦୀପିକା ନାୟକ ୫୫୭ ମାର୍କ ରଖି ଦ୍ୱିତୀୟ ଓ ଦିବ୍ୟଙ୍କା ନନ୍ଦ ୫୫୨ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମୁନିଗୁଡାର ନୋଡାଲ ହାଇସ୍କୁଲରେ ଚଳିତବର୍ଷ ୧୬୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବି-୧ ଗ୍ରେଡ୍‌ରେ ୮ଜଣ, ବି-୨ ଗ୍ରେଡରେ ୯ଜଣ, ସି ଗ୍ରେଡରେ ୩୬ ଜଣ, ଡି ଗ୍ରେଡ୍‌ରେ ୪୭ ଜଣ ଓ ଇ ଗ୍ରେଡ୍‌ରେ ୬୭ ଜଣ ପାସ୍ ହୋଇଛନ୍ତି। ଏହି କ୍ରମରେ ମୁନିଗୁଡ଼ା ନୋଡାଲ ହାଇସ୍କୁଲରେ ଟପ୍ପର ଭାବେ ପ୍ରତୀକ ପ୍ରଭଞ୍ଜନ ସାମଲ ୪୫୭ ମାର୍କ ରଖି ପ୍ରଥମ, ପ୍ରଭାତ ଭୂୟାଁ ୪୪୭ ମାର୍କ ରଖି ଦ୍ୱିତୀୟ ଓ ଜସ୍ମିନ ସାହୁକାର ୪୪୪ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଥିବା ନେଇ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝୀ ସୂଚନା ଦେଇଛନ୍ତି।

## ଦିବ୍ୟଦର୍ଶିନୀ ନାଏକ କାଶୀପୁର ବ୍ଲକ୍ ଟପ୍ପର

ଟିକିରି, (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକରେ ପାସ୍ ହାର ୯୬.୧୪ % ରହିଛି। ତେବେ କାଶୀପୁର ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦୀବ୍ୟଦର୍ଶିନୀ ନାଏକ ୪୯୬ ନମ୍ବର ରଖି କାଶୀପୁର ବ୍ଲକ ଟପ୍ପର ହେବା ସହ ବିଦ୍ୟାଳୟ ଏବଂ କାଶୀପୁର ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ସେହିପରି କାଶୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୋଡିପାରି,ଯୋଡାଆମ୍ବ,ତଳଝିରି, ସୁଙ୍ଗେର, ମିନାଖୁଣ୍ଟି, ଗୋରଖପୁର, ଡଙ୍ଗାସିଲ,ମାଇକଞ୍ଚ, ହାଡିଗୁଡା,ଥୁଟିବର ସରକାରୀ ବିଦ୍ୟାଳୟରେ ଶତପ୍ରତିଶତ ପାସ୍‌ହାର ହୋଇଛି।

